ଆଜି - ଶୁକ୍ରବାର
ତାରିଖ - ୨୬ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୧୨
ତିଥି - ଦ୍ୱାଦଶୀ, ପକ୍ଷ- ଶୁକ୍ଳ
ନକ୍ଷତ୍ର - ବିଶାଖା, ତୁଳା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୩: ୦୦
ସୂର୍ଯ୍ୟାସ୍ତ - ୬ : ୨୪: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ସଂକଟ ଓ ଅଚଳାବସ୍ଥା ମଧ୍ୟ କିଛି ଶିକ୍ଷା ଦେଇଥାଏ, ଆଉ ତାହା ହେଉଛି- ସେଗୁଡ଼ିକ ଆମକୁ ଚିନ୍ତା କରିବାକୁ ବାଧ୍ୟ କରିଥାନ୍ତି ।"

- ଜବାହାରଲାଲ୍ ନେହରୁ


E-News : www.Ajikali epaper.com

Vol.- 41 ISSUE- 73 R.N.I. REGD. No. 44026/86 ବାଲେଶ୍ୱର ୨୬ ଜୁନ୍ ୨୦୨୬ ଶୁକ୍ରବାର BALASORE 26 JUNE 2026 FRIDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ - ଟ.୨.୦୦


## ଆସନ୍ତାକାଲି ତିନି ଦିନିଆ ସେସେଲ୍ସ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତ ମହାସାଗର ଦ୍ୱୀପ



ରାଷ୍ଟ୍ରର ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅଂଶଗ୍ରହଣ କରିବା ପାଇଁ ଶନିବାର ଦିନ ତିନି ଦିନିଆ ଗସ୍ତରେ ସେସେଲ୍ସରେ ପହଂଚିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଆଜି ଏଠାରେ କହିଛି ଯେ ପ୍ରଧାନମନ୍ତ୍ରୀ ୨୭-୨୯ ରେ ସେସେଲ୍ସକୁ ସରକାରୀ ଗସ୍ତ କରିବେ । ସେ ରବିବାର ଦିନ ସେସେଲ୍ସ ଜାତୀୟ ଦିବସର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ 'ସମ୍ମାନିତ ଅତିଥି' ଭାବେ ଯୋଗଦେବେ । ଶେଷ ଥର ପାଇଁ ପ୍ରଧାନମନ୍ତ୍ରୀ ୨୦୧୫ରେ ସେସେଲ୍ସ ଗସ୍ତ କରିଥିଲେ । ଭାରତୀୟ ପ୍ରତିରକ୍ଷା ବାହିନୀର ଏକ ଦଳ ଏବଂ ଭାରତୀୟ ନୌସେନାର ଦୁଇଟି ଜାହାଜ ଏହି ସମାରୋହରେ ଅଂଶଗ୍ରହଣ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ପ୍ରଧାନମନ୍ତ୍ରୀ ତାଙ୍କ ଗସ୍ତ ସମୟରେ ରାଷ୍ଟ୍ରପତି ହର୍ମିନିଙ୍କ ସହ ଆଲୋଚନା କରିବେ । ସେମାନେ ଦୁଇ ଦେଶ ମଧ୍ୟରେ ସହଯୋଗର ସମସ୍ତ ଦିଗକୁ ସମୀକ୍ଷା କରିବେ ଏବଂ ପାରସ୍ପରିକ ସ୍ୱାର୍ଥର ଆଂଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ । ପ୍ରଧାନମନ୍ତ୍ରୀ ସେସେଲ୍ସ ଜାତୀୟ ସଂସଦକୁ ମଧ୍ୟ ସମ୍ବୋଧିତ କରିବେ ଏବଂ ସେଠାରେ ଭାରତୀୟ ସମ୍ପ୍ରଦାୟଙ୍କ ସହ ଭାବ ବିନିମୟ କରିବେ । ଏହି ଗସ୍ତ ଭାରତ ଏବଂ ସେସେଲ୍ସ ମଧ୍ୟରେ ଦୃଢ଼ ଏବଂ ସ୍ଥାୟୀ ବନ୍ଧୁତ୍ୱ ଏବଂ ସମସ୍ତ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଉନ୍ନତ କରିବା ପାଇଁ ଉଭୟ ଦେଶର ସହଭାଗୀ ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିବ ବୋଲି ମନ୍ତ୍ରଣାଳୟ କହିଛି ।

## ସଂବିଧାନ ହତ୍ୟା ଦିବସରେ ଲୋକତନ୍ତ୍ର ସେନାନୀଙ୍କ ଅସୀମ ତ୍ୟାଗ ଓ ସଂଘର୍ଷକୁ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର 'ସଂବିଧାନ ହତ୍ୟା ଦିବସ'ରେ ଲୋକତନ୍ତ୍ର ସେନାନୀଙ୍କ ଅସୀମ ତ୍ୟାଗ ଓ ସଂଘର୍ଷକୁ ମନେ



ପକାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୧୯୭୫ ମସିହା ଆଜିର ଦିନରେ, ଗୋଟିଏ ପରିବାରର କ୍ଷମତା ଲିପ୍ସା ଓ ଏକଛତ୍ରବାଦୀ ମାନସିକତା ଯୋଗୁଁ ସାରା ଦେଶରେ 'ଜରୁରୀକାଳୀନ ପରିସ୍ଥିତି' ଲଦି ଦିଆଯାଇଥିଲା, ଯାହା ଭାରତୀୟ ଗଣତନ୍ତ୍ରର ଇତିହାସରେ ଏକ କଳା ଅଧ୍ୟାୟ । ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରି ସାଧାରଣ ନାଗରିକଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଥିଲା, ବିନା କାରଣରେ ଲକ୍ଷ ଲକ୍ଷ ଦେଶପ୍ରେମୀଙ୍କୁ କାରାଗାରର ଅନ୍ଧକାର କୋଠରୀକୁ ଠେଲି ଦିଆଯାଇଥିଲା ଏବଂ ଗଣମାଧ୍ୟମର ସ୍ୱାଧୀନତାକୁ ଅହେତୁକ ଭାବେ ଦମନ କରାଯାଇଥିଲା । ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ହୋଇଥିବା ଏହି ନିର୍ମମ ଆଘାତକୁ ସ୍ମରଣ କରିବା ଏବଂ ନିଜର ସାମ୍ବିଧାନିକ ଅଧିକାର ପ୍ରତି ପ୍ରତିଟି ନାଗରିକଙ୍କୁ ସତର୍କ ଓ ସଚେତନ କରିବା ଉଦ୍ଦେଶ୍ୟରେ ଆଜିର ଦିନକୁ ସାରା ଦେଶରେ 'ସମ୍ବିଧାନ ହତ୍ୟା ଦିବସ' ଭାବରେ ପାଳନ କରାଯାଉଛି । ଏହି କଳଙ୍କିତ ଦିନର ୫୧ ବର୍ଷ ପୂର୍ତ୍ତି ଅବସରରେ, ଏକଛତ୍ରବାଦୀ ଶାସନ ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରି କାରାଗାରର ଅମାନୁଷିକ ଯାତନା ସହିଥିବା ସେହି ସମସ୍ତ ଅଗଣିତ ବୀର 'ଲୋକତନ୍ତ୍ର ସେନାନୀ'ଙ୍କ ଅସୀମ ତ୍ୟାଗ ଓ ସଂଘର୍ଷକୁ ମୁଁ ସାଦର ପ୍ରଣାମ ଜଣାଉଛି । ଆଜି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସମର୍ପିତ ନେତୃତ୍ୱରେ ସମ୍ବିଧାନର ପ୍ରକୃତ ଗରିମା ଓ ସାର୍ବଭୌମତ୍ୱ ସୁରକ୍ଷିତ ରହିଛି ଏବଂ ସମାଜର ଶେଷ ଧାଡ଼ିରେ ଥିବା ପ୍ରତିଟି ନାଗରିକ ବାସ୍ତବ ଅର୍ଥରେ ସଶକ୍ତ ଓ ସ୍ୱାଭିମାନୀ ହୋଇପାରିଛନ୍ତି । ଆସନ୍ତୁ, ସମ୍ବିଧାନର ସୁରକ୍ଷା, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବିଧାନିକ ଶ୍ରେଷ୍ଠତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆଜି ଦିନରେ ସଂକଳ୍ପବଦ୍ଧ ହେବା ।

## ଶକ୍ତି କନ୍‌କ୍ଲେଭ୍ ୨୦୨୬କୁ ସମ୍ବୋଧିତ କଲେ ଉପ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଓଡ଼ିଶା ସରକାର ୨୦୩୦ ସୁଦ୍ଧା ସବୁଜ ଶକ୍ତି କ୍ଷମତାକୁ ୧୧ ଗିଗାୱାଟ୍‌ରେ ପହଂଚାଇବାକୁ ଲକ୍ଷ୍ୟ ରଖିଛନ୍ତି । ଛଅଟି ସ୍ଥାନରେ ବ୍ୟାଟେରି ଷ୍ଟୋରେଜ୍ ପ୍ରକଳ୍ପ ସ୍ଥାପନ କରାଯାଉଛି । ରାଜ୍ୟରେ ନଭେମ୍ବର ୨୪-୨୫ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା 'ଗ୍ଲୋବାଲ ଏନର୍ଜି ଲିଡର୍ସ




ଲକ୍ଷ୍ୟ ରଖିଛନ୍ତି । ସୋର, ଭାସମାନ ସୋର, ପବନ, ପମ୍ପଡ୍ ଷ୍ଟୋରେଜ୍ ଓ ହାଇବ୍ରିଡ୍ ପ୍ରକଳ୍ପ ଜରିଆରେ ଏହି ଲକ୍ଷ୍ୟ ହାସଲ କରାଯିବ । ରାଜ୍ୟ ସରକାର ନିବେଶକମାନଙ୍କୁ ସବୁ ପ୍ରକାର ସୁବିଧା ଯୋଗାଇ ଦେଉଛନ୍ତି । ଓଡ଼ିଶାରେ ନିଜ ପ୍ରକଳ୍ପ ସ୍ଥାପନ କରିବା ପାଇଁ ଆଗେଇ ଆସିବାକୁ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ନିବେଶକମାନଙ୍କୁ କହିଛନ୍ତି । ଗୁରୁବାର ସିଆଇଆଇ ଓଡ଼ିଶା ପକ୍ଷରୁ ଆୟୋଜିତ ଶକ୍ତି କନ୍‌କ୍ଲେଭ୍ ୨୦୨୬କୁ ସମ୍ବୋଧିତ କରି ସେ କହିଲେ ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି କ୍ଷମତାକୁ ୧୧ ଗିଗାୱାଟ୍‌ରେ ପହଂଚାଇବାକୁ ରାଜ୍ୟ ସରକାର ବାର୍ଷିକ ୩.୫ ନିୟୁତ ଟନ୍ କ୍ଷମତାର ଗ୍ରିନ ହାଇଡ୍ରୋଜେନ ଓ ଗ୍ରିନ ଆମୋନିଆ ଉତ୍ପାଦନ ହେବାକୁ ଯାଉଛି । ଶକ୍ତି କ୍ଷେତ୍ରରେ ୨ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି । ବିଦ୍ୟୁତ୍ ସଂଚାରଣ ଭିତିଭୂମି କ୍ଷେତ୍ରରେ ୩୦ ହଜାର କୋଟି ଟଙ୍କା ନିବେଶ ହେବା ଆଶା କରାଯାଉଛି ବୋଲି ସେ କହିଥିଲେ । କନ୍‌କ୍ଲେଭ୍‌କୁ ସମ୍ବୋଧିତ କରି ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବ କହିଥିଲେ ଯେ ବିଦ୍ୟୁତ୍ ବଂଟନ ଓ ସଂଚାରଣ ଭିତିଭୂମିକୁ ସୁଦୃଢ଼ କରିବା ଦିଗରେ ୪୫୦୦ କୋଟି ଟଙ୍କା ନିବେଶ କରାଯିବ । ଆସନ୍ତା ସମିଟ୍ ୨୦୨୬'ରେ ଅଂଶଗ୍ରହଣ କରିବାକୁ ସେ ନିବେଶକମାନଙ୍କୁ ଆହ୍ୱାନ ଦେଇଛନ୍ତି । ସିଆଇଆଇ ଓଡ଼ିଶାର ଅଧ୍ୟକ୍ଷ ଅନିଲ କୁମାର ସିଂହ ଏକ ସ୍ୱଚ୍ଛ ଶକ୍ତି ହବ୍ ଭାବେ ଓଡ଼ିଶାର ବଢୁଥିବା ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆଇଆଇ ପୂର୍ବାଂଚଳ ଶକ୍ତି ସବ୍-କମିଟିର ଅଧ୍ୟକ୍ଷ ଦେବେଶ ଗୋୟଲ, ଏନ୍‌ଟିପିସିର ଆଂଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବିଜୟ ଚାନ୍ଦ, ଅଶୋକ ଭରତ ଓ ଶୁଭଙ୍କର ଚକ୍ରବର୍ତୀ ଉପସ୍ଥିତ ଥିଲେ । ସିଆଇଆଇ ଓଡ଼ିଶାର ଉପାଧ୍ୟକ୍ଷ ମଣିକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଳ୍ପରେ ଖବର

» ସଂବିଧାନ ହତ୍ୟା ଦିବସ'ରେ ଗଣତନ୍ତ୍ର ସେନାନୀମାନଙ୍କ ସାହସ ଓ ସଂଘର୍ଷକୁ ମନେ ପକାଇ ଏହି କଳା ଅଧ୍ୟାୟକୁ ଦେଶ କେବେ ଭୁଲିବ ନାହିଁ ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ ।

» ଛାତ୍ରୀଛାତ୍ରୀମାନଙ୍କୁ ମିଳିବ ମାଗଣା ନୂଆ ସ୍କୁଲ୍ ବ୍ୟାଗ୍ । ଶିଶୁ ବାଟିକାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମିଳିବ ବ୍ୟାଗ୍ । ଶୀଘ୍ର ବଂଟନ ପାଇଁ ଡିଇଓ ଏବଂ ଡିପିସିଙ୍କୁ ଓସେପା ପକ୍ଷରୁ ଚିଠି ହୋଇଛି ।

» ଦେଶର ଉତ୍କୃଷ୍ଟ ଏବଂ ଉତ୍ସର୍ଗୀକୃତ ଶିକ୍ଷକମାନଙ୍କୁ ସମ୍ମାନିତ କରିବା ପାଇଁ କେନ୍ଦ୍ର ସରକାର ଜାତୀୟ ଶିକ୍ଷକ ପୁରସ୍କାର ୨୦୨୬ ପାଇଁ ଅନଲାଇନ୍ ଆବେଦନ ଏବଂ ନାମାଙ୍କନ ଆହ୍ୱାନ କରିଛନ୍ତି ।

» ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଇ ଗୁରୁବାର ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ମନ୍ତ୍ରୀ ଜେପି ନଡ୍ଡାଙ୍କୁ ଭେଟିଥିଲେ ।

## ସମ୍ବିଧାନ ହତ୍ୟା ଦିବସ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଚଣ୍ଡୀଗଡ଼/ ଭୁବନେଶ୍ୱର : 'ଏମରଜେନ୍ସି' ଥିଲା ସମ୍ବିଧାନକୁ କ୍ଷୁର୍ଣ୍ଣ କରିବାର କଳା ଅଧ୍ୟାୟ । କେବଳ କ୍ଷମତା ଏବଂ ପରିବାର ମୋହରେ ଅନ୍ଧ ହୋଇ କଂଗ୍ରେସ ସମ୍ବିଧାନକୁ କ୍ଷତିଗ୍ରସ୍ତ କରିବା ସହ ଏବଂ ସମଗ୍ର ଦେଶକୁ ଏକ କାରାଗାରରେ ପରିଣତ କରିଥିଲେ। ବୋଲି ଗୁରୁବାର ଚଣ୍ଡୀଗଡ଼ ଠାରେ ଆୟୋଜିତ 'ସମ୍ବିଧାନ ହତ୍ୟା ଦିବସ' କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ୧୯୭୫ ମସିହା ଜରୁରୀକାଳୀନ



ସ୍ଥିତିର ସେହି ଅନ୍ଧକାରମୟ କାଳଖଣ୍ଡକୁ ମନେ ପକାଇବା ସହ କଂଗ୍ରେସର ଏକଛତ୍ରବାଦୀ ମାନସିକତା ଉପରେ ସମାଲୋଚନା କରିଛନ୍ତି ଶ୍ରୀ ପ୍ରଧାନ । ଜରୁରୀକାଳୀନ ପରିସ୍ଥିତିର ୫୧ ବର୍ଷ ପୂର୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜରୁରୀକାଳୀନ ସମୟରେ ଅମାନୁଷିକ ନିର୍ଯାତନା ସହି ମଧ୍ୟ ଦେଶର ଗଣତନ୍ତ୍ରକୁ ଜୀବିତ ରଖିବା ପାଇଁ ସଂଗ୍ରାମ କରିଥିବା ଗଣତନ୍ତ୍ରର ପ୍ରହରୀମାନଙ୍କୁ ସମ୍ମାନିତ କରିଥିଲେ । ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ, ସମ୍ବିଧାନର ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିବା, ନାଗରିକ ଅଧିକାରକୁ ବନ୍ଧକ ରଖିବା ଏବଂ କିଶୋର କୁମାର ଓ ଲତା ମଙ୍ଗେସକରଙ୍କ ଭଳି ମହାନ କଳାକାରମାନଙ୍କ ସ୍ୱର ଉପରେ ପ୍ରତିବନ୍ଧକ ଲଗାଇବାର ନାମ ଥିଲା 'ଏମରଜେନ୍ସି' । ଏହି ସମ୍ବିଧାନ ବିରୋଧୀ ଲୋକଙ୍କର ନିର୍ବାଚନ ପ୍ରକ୍ରିୟା ଠାରୁ ଆରମ୍ଭ କରି ନ୍ୟାୟପାଳିକା ପର୍ଯ୍ୟନ୍ତ କୌଣସି ସାମ୍ବିଧାନିକ ବ୍ୟବସ୍ଥା ଉପରେ କେବେ ବି ବିଶ୍ୱାସ ନଥିଲା । କେବଳ କ୍ଷମତା ଏବଂ ପରିବାର ମୋହରେ ଅନ୍ଧ ହୋଇ ଏହି ଲୋକମାନେ ସମ୍ବିଧାନକୁ କ୍ଷତିଗ୍ରସ୍ତ କରିଥିଲେ ଏବଂ ସମଗ୍ର ଦେଶକୁ ଏକ କାରାଗାରରେ ପରିଣତ କରି ଆମ ନାଗରିକମାନଙ୍କ ସ୍ୱାଧୀନତା ଉପରେ କୁଠାରଘାତ କରିଥିଲେ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'ଦିନେ ଇଣ୍ଡିଆ ହିଁ ଇନ୍ଦିରା, ଇନ୍ଦିରା ହିଁ ଇଣ୍ଡିଆ' ଭଳି ମାନସିକତା ସେମାନଙ୍କର ଏକଛତ୍ରବାଦୀ ଚିନ୍ତାଧାରାର ପ୍ରତୀକ ଥିଲା । ବର୍ତମାନ ସମୟରେ ରାହୁଲ ଗାନ୍ଧୀଙ୍କ ସମେତ ସମଗ୍ର କଂଗ୍ରେସ ଦଳ ସେହି ସମାନ ଚିନ୍ତାଧାରାକୁ ଆଗକୁ ବଢ଼ାଉଛନ୍ତି । ଶ୍ରୀ ପ୍ରଧାନ ଜୋର୍ ଦେଇ କହିଛନ୍ତି ଯେ ଭାରତ ହେଉଛି ଗଣତନ୍ତ୍ରର ଜନନୀ । ଆଜି ଯେତେବେଳେ ଦେଶ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ବିକଶିତ ଭାରତ ୨୦୪୭ର ସଂକଳ୍ପ ଆଡ଼କୁ ଅଗ୍ରସର ହେଉଛି, ସେତେବେଳେ ଆପାତକାଳ ଭଳି ଘୃଣ୍ୟ ଚିନ୍ତାଧାରାକୁ ପ୍ରତ୍ୟାଖ୍ୟାନ କରିବା ଜରୁରୀ । ଏଥିପାଇଁ 'ସମ୍ବିଧାନ ହତ୍ୟା ଦିବସ'କୁ ମନେ ରଖିବା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଜନସଚେତନତାକୁ ଅଧିକ ସଶକ୍ତ କରିବା ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି ।

## ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର : ଲୋକସଭା ଭବନରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ନି ନିରାପତା ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସଭାପତିତ୍ୱ କରି ରାଜ୍ୟର ସମସ୍ତ



ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତା ବ୍ୟବସ୍ଥାର ବର୍ତମାନ ସ୍ଥିତି ଓ ଆବଶ୍ୟକତା, ପୂର୍ବରୁ ଦିଆଯାଇଥିବା ନିର୍ଦ୍ଦେଶ କେତେ ଅନୁପାଳନ ହୋଇଛି ସେ ବିଷୟରେ ମଧ୍ୟ ସମୀକ୍ଷା କରାଯାଇଥିଲା । ରୋଗୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କୁ ଅଗ୍ନି ନିର୍ବାପକ ଉପକରଣର ନିୟମିତ ଯାଂଚ, ଜରୁରୀକାଳୀନ ପ୍ରସ୍ତୁତିର ସୁନିର୍ଶ୍ଚିତକରଣ, ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡର କଡ଼ାକଡ଼ି ପାଳନ ଏବଂ ସମସ୍ତ ସ୍ୱାସ୍ଥ୍ୟାନୁଷ୍ଠାନରେ ଅଗ୍ନି ନିରାପତା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ କାର୍ଯ୍ୟକ୍ଷମ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ମନ୍ତ୍ରୀ କହିଥିଲେ ଯେ, ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିରାପତା ସରକାରଙ୍କ ପ୍ରମୁଖ ଦାୟିତ୍ୱ । ତେଣୁ ଅଗ୍ନିକାଣ୍ଡ ପରି ଜରୁରୀ ପରିସ୍ଥିତିକୁ ମୁକାବିଲା ପାଇଁ ପ୍ରତ୍ୟେକ ଅନୁଷ୍ଠାନରେ ପୂର୍ବ ପ୍ରସ୍ତୁତି ଏବଂ ସମୟୋପଯୋଗୀ ବ୍ୟବସ୍ଥା ଗ୍ରହଣ ଅତ୍ୟାବଶ୍ୟକ । ଏହି ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ୍) ଏମଡି ଡ. ବୃନ୍ଦା ଡ଼ି , ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଏବଂ ବିଭିନ୍ନ ଜିଲ୍ଲାର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ କଲେଜ ଡିନ ଓ ସୁପରିଟେଣ୍ଡେଂଟମାନେ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଚାଷୀଙ୍କୁ ସମୟୋପଯୋଗୀ ସାର ଯୋଗାଣ ଉପରେ ଗୁରୁତ୍ୱ ଦେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ ରବି ନାରାୟଣ ନାୟକ

ଭୁବନେଶ୍ୱର : ଆଗାମୀ ଚାଷ ଋତୁକୁ ଦୃଷ୍ଟିରେ ରଖି ଚାଷୀମାନଙ୍କ ପାଇଁ ପର୍ଯ୍ୟାପ୍ତ ଓ ସମୟୋପଯୋଗୀ ସାର ଯୋଗାଣ ସୁନିର୍ଶ୍ଚିତ କରିବା ଉପରେ ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଗୁରୁତ୍ୱାରୋପ କରିଛନ୍ତି ।



କୁଚିଣ୍ଡାସ୍ଥିତ ଜିଲ୍ଲା କୃଷି କାର୍ଯ୍ୟାଳୟରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କ ସହ ଚାଷୀଙ୍କ ପାଇଁ ସାର ଉପଲବ୍ଧତା ଓ ବିତରଣ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା କରିଥିଲେ । ବୈଠକରେ ଚାଷୀମାନେ ଯେପରି ଆବଶ୍ୟକ ସମୟରେ ଓ ପର୍ଯ୍ୟାପ୍ତ ପରିମାଣରେ ସାର ପାଇପାରିବେ, ସେଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସୁନିର୍ଶ୍ଚିତ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ମନ୍ତ୍ରୀ କହିଥିଲେ ଯେ, ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା ଓ କୃଷି କ୍ଷେତ୍ରର ବିକାଶ ପ୍ରତି ରାଜ୍ୟ ସରକାର ସଦା ପ୍ରତିବଦ୍ଧ । ତେଣୁ ରାଜ୍ୟର କୌଣସି ଅଂଚଳରେ ସାରର ଅଭାବ ନ ରହିବା ସହ ଚାଷୀମାନେ ନିର୍ଦ୍ଧାରିତ ଦରରେ ସାର ପାଇବାକୁ ସୁନିର୍ଶ୍ଚିତ କରିବା ଆବଶ୍ୟକ । ଏହା ସହିତ ସାର ବିତରଣ ବ୍ୟବସ୍ଥାରେ ସ୍ୱଚ୍ଛତା ରକ୍ଷା କରିବା ଏବଂ ଚାଷୀଙ୍କ ସମସ୍ୟାର ତ୍ୱରିତ ସମାଧାନ କରି କୃଷି କାର୍ଯ୍ୟକୁ ଅଧିକ ସୁଗମ ଓ ଫଳପ୍ରଦ କରିବା ଉପରେ ମଧ୍ୟ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।

## ରାଜ୍ୟରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ସମୀକ୍ଷା କଲେ ରାଜସ୍ୱ ସଚିବ

ଭୁବନେଶ୍ୱର : ରାଜ୍ୟରେ ଚାଲିଥିବା ଜନଗଣନା କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଜି ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସମୀକ୍ଷା କରିଛନ୍ତି । ବୈଠକରେ ଜନଗଣନା ଅଭିଯାନର ନିର୍ଦ୍ଦେଶକ (Director Census Operations) ଶ୍ରୀ ନିଖିଲ ପଵନ କଲ୍ୟାଣ ଜନଗଣନାର ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଗୃହ ତାଲିକାକରଣ କାର୍ଯ୍ୟ (House Listing Operation) ଏବଂ ଆବାସ ଗଣନା (Housing Census) ସଫଳତାର ସହ ସମ୍ପନ୍ନ ହୋଇଥିବା ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପାଢ଼ୀଙ୍କୁ ଅବଗତ କରାଇଥିଲେ । ଏହି ପର୍ଯ୍ୟାୟରେ ରାଜ୍ୟବ୍ୟାପୀ ବିଭିନ୍ନସ୍ତରରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ ସମନ୍ୱିତ ପ୍ରୟାସ ଫଳରେ ଜନଗଣନା କାର୍ଯ୍ୟ ସୁଚାରୁରୂପେ



ସମାପ୍ତ ହୋଇଥିବା ନେଇ ଆଲୋଚନା ହୋଇଥିଲା । ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଜନଗଣନା କର୍ମକର୍ତା, ଜିଲ୍ଲାପାଳ, ପୌର କମିଶନର, ଜନଗଣନାକାରୀ (Enumerators) ଏବଂ ସୁପରଭାଇଜରମାନଙ୍କ ନିଷ୍ଠାପୂର୍ଣ୍ଣ ଏବଂ ସମର୍ପିତ ଦାୟିତ୍ୱ ସମ୍ପାଦନ ପାଇଁ ପ୍ରଶଂସା କରିଥିଲେ । ରାଜସ୍ୱ ସଚିବ କହିଥିଲେ ଯେ, ଜନଗଣନା ଭଳି ଏକ ବୃହତ୍ ଜାତୀୟ କାର୍ଯ୍ୟକ୍ରମର ସଫଳ ରୂପାୟନରେ କ୍ଷେତ୍ରସ୍ତରରେ କାର୍ଯ୍ୟରତ କର୍ମଚାରୀମାନଙ୍କ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପରିପ୍ରେକ୍ଷୀରେ ଜନଗଣନାର ପରବର୍ତୀ ପର୍ଯ୍ୟାୟ ଜନସଂଖ୍ୟା ଗଣନା (Population Enumeration) ପାଇଁ ଆବଶ୍ୟକ ପ୍ରସ୍ତୁତି, କାର୍ଯ୍ୟଯୋଜନା ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ମଧ୍ୟ ସୁବିସ୍ତୃତ ଆଲୋଚନା ହୋଇଥିଲା । ସମସ୍ତ ପ୍ରସ୍ତୁତିକୁ ସମୟବଦ୍ଧ ଭାବେ ସମ୍ପନ୍ନ କରି ଆଗାମୀ ପର୍ଯ୍ୟାୟକୁ ସଫଳ କରିବା ଉପରେ ରାଜସ୍ୱ ସଚିବ ଗୁରୁତ୍ୱାରୋପ କରିଥିଲେ କ୍ଷ ସୂଚନାଯୋଗ୍ୟ ଯେ, ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ଗୃହ ତାଲିକା ଓ ଆବାସ ଜନଗଣନା ୧୬ ଏପ୍ରିଲ ୨୦୨୬ ଠାରୁ ୧୫ ମଇ ୨୦୨୬ ପର୍ଯ୍ୟନ୍ତ ୩୦ ଦିନ ଧରି ସଫଳତାର ସହ ଅନୁଷ୍ଠିତ ହୋଇଛି । ଏହା ସହିତ ସ୍ୱୟଂ-ଗଣନା (Self Enumeration) କାର୍ଯ୍ୟକ୍ରମ ୧ ଏପ୍ରିଲ ୨୦୨୬ ଠାରୁ ୧୫ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ସମ୍ପନ୍ନ ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ମସିହା ଫେବୃଆରୀ ମାସରେ କରାଯିବ । ଶେଷରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜନଗଣନା ଦଳକୁ ପରବର୍ତୀ ପର୍ଯ୍ୟାୟ ପାଇଁ ଶୁଭେଚ୍ଛା ଜଣାଇବା ସହ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିବାକୁ ଆଶା ପ୍ରକାଶ କରିଥିଲେ । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ପ୍ରଜ୍ଞାଧାରା ମିଶ୍ର, ଶ୍ରୀମତୀ ଆଲୋମଣି ସେଠୀ, ଜନଗଣନାର କାର୍ଯ୍ୟର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ସିଂହ ଏବଂ ଶ୍ରୀ ହରାଧନ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।





# ବାଲେଶ୍ୱରରେ ଅମୃତ ଷ୍ଟେସନ ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କଲେ ଦକ୍ଷିଣ ପୂର୍ବ ରେଳବାଇର ମହାପ୍ରବନ୍ଧକ

ବାଲେଶ୍ୱର, (ନି.ପ୍ର.): ଦକ୍ଷିଣ ପୂର୍ବ ରେଳବାଇ (ଏସ୍ ?ଇଆ)ର ମହାପ୍ରବନ୍ଧକ ଅନିଲ କୁମାର ଜୈନ ଶାଲିମାର-ଖଡ୍ଗପୁର-ବାଲେଶ୍ୱର-ରାଣୀତାଲ ରେଳପଥର ବ୍ୟାପକ ପରିଦର୍ଶନ କରି ବାଲେଶ୍ୱର ଜିଲ୍ଲାରେ ଚାଲିଥିବା ରେଳ ଭିତିଭୂମି ବିକାଶ ଓ ଯାତ୍ରୀ ସୁବିଧା ସମ୍ବନ୍ଧୀୟ ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ସମୀକ୍ଷା କରିଛନ୍ତି ।ଖଡ୍ଗପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଲଳିତ ମୋହନ ପାଣ୍ଡେ ଏବଂ ଦକ୍ଷିଣ ପୂର୍ବ ରେଳବାଇର ବରିଷ୍ଠ ଅଧିକାରୀମାନେ ଏହି ପରିଦର୍ଶନରେ ତାଙ୍କ ସହ ଉପସ୍ଥିତ ଥିଲେ । ଏହି ଅବସରରେ ସେ ଅମୃତ ଷ୍ଟେସନ ଯୋଜନା ଅଧୀନରେ ବାଲେଶ୍ୱର, ଜଳେଶ୍ୱର ଓ ବେଲଦା ରେଳ ଷ୍ଟେସନରେ ଚାଲିଥିବା ପୁନର୍ବିକାଶ କାର୍ଯ୍ୟର ସମୀକ୍ଷା କରିଥିଲେ ।ମହାପ୍ରବନ୍ଧକ ଷ୍ଟେସନ ଆଧୁନିକୀକରଣ ପ୍ରକଳ୍ପର



ଅଗ୍ରଗତି ଆକଳନ କରିବା ସହ ଯାତ୍ରୀ ସୁବିଧା ବୃଦ୍ଧି, ଷ୍ଟେସନର ସୌନ୍ଦର୍ଯ୍ୟକରଣ, ଦିବ୍ୟାଙ୍ଗ-ଅନୁକୂଳ ବ୍ୟବସ୍ଥା, ସର୍କୁଲେଟିଂ ଏରିଆ, ପ୍ରତୀକ୍ଷାଳୟ ଏବଂ ଅନ୍ୟାନ୍ୟ ଭିତିଭୂମି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ । ଗୁଣାତ୍ମକ ମାନଦଣ୍ଡ ବଜାୟ ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ବାଲେଶ୍ୱର ରେଳ ଷ୍ଟେସନ ପରିଦର୍ଶନ ସମୟରେ ମହାପ୍ରବନ୍ଧକ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବାଲେଶ୍ୱର ବିଧାୟକ ମାନସ କୁମାର ଦତଙ୍କ ସହ ଆଲୋଚନା କରିଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ରେଳ ସମ୍ବନ୍ଧୀୟ ସମସ୍ୟା, ଯାତ୍ରୀ ସୁବିଧା, ଭିତିଭୂମି ବିକାଶ, ରେଳ ସେବା ଏବଂ ଭବିଷ୍ୟତ ବିକାଶମୂଳକ ଯୋଜନା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।ବୈଠକରେ ଉଠିଥିବା ପ୍ରସ୍ତାବ ଓ ଦାବିଗୁଡ଼ିକୁ ଉପଯୁକ୍ତ ଭାବେ ବିଚାର କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମହାପ୍ରବନ୍ଧକ ଆଶ୍ୱାସନ ଦେଇଥିଲେ । ପରିଦର୍ଶନ କାର୍ଯ୍ୟକ୍ରମ ଅନ୍ତର୍ଗତ ସେ ରାଣୀତାଲ ଷ୍ଟେସନ ଏବଂ ସଂଲଗ୍ନ ରେଳ ପରିସରର ପରିଚାଳନା ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିଥିଲେ । ସମଗ୍ର ପରିଦର୍ଶନ ସମୟରେ ରେଳ ସୁରକ୍ଷା ସୁଦୃଢ଼ୀକରଣ, ଯାତ୍ରୀ ସୁବିଧାର ଉନ୍ନତି, ପରିଚାଳନାଗତ ଦକ୍ଷତା ବୃଦ୍ଧି ଏବଂ ଭିତିଭୂମି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସାମୁଦ୍ରିକ ଓ ଜଳତଳ ପ୍ରତ୍ନତତ୍ତ୍ୱ ଉପରେ ଆନ୍ତର୍ଜାତୀୟ ସମ୍ମିଳନୀ ସମାପ୍ତ

ବାଲେଶ୍ୱର(ନି.ପ୍ର.)ଫକୀରମୋହନ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ "ବନ୍ଦରରୁ ଜାହାଜ-ଧ୍ୱଂସାବଶେଷ ପର୍ଯ୍ୟନ୍ତ: ସାମୁଦ୍ରିକ ଓ ଜଳତଳ ପ୍ରତ୍ନତତ୍ତ୍ୱର ବିଭିନ୍ନ ଦୃଷ୍ଟିକୋଣ" ସଫଳତାର ସହ ସମାପ୍ତ ହୋଇଛି । ଜୁନ୍ ୨୪ ଓ ୨୫ ତାରିଖରେ ଆୟୋଜିତ ଏହି ସମ୍ମିଳନୀରେ ଭାରତ, ଶ୍ରୀଲଙ୍କା ଓ ଫ୍ରାନ୍ସର ବିଶିଷ୍ଟ ପ୍ରତ୍ନତତ୍ତ୍ୱବିଦ୍, ଅଧ୍ୟାପକ, ଗବେଷକ ଓ ଐତିହ୍ୟ ବିଶେଷଜ୍ଞମାନେ ଅଂଶଗ୍ରହଣ କରି ସାମୁଦ୍ରିକ ଐତିହ୍ୟ, ଜଳତଳ ପ୍ରତ୍ନତତ୍ତ୍ୱ ଓ ସାଂସ୍କୃତିକ ସମ୍ପଦ ସଂରକ୍ଷଣର ବିଭିନ୍ନ ଦିଗ ଉପରେ ମତବିନିମୟ କରିଥିଲେ । ଉଦ୍ ?ଯାପନୀ ଅଧିବେଶନରେ ସମ୍ମିଳନୀର ଆବାହକ ତଥା ବିଭାଗୀୟ ସଂଯୋଜକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସମ୍ମିଳନୀର ବିଷୟବସ୍ତୁ ଓ ଅତିଥି ପରିଚୟ ଉପସ୍ଥାପନ କରିଥିଲେ । ଡ଼କ୍ଟର ଯଶସ୍ୱୀ ରାଉତ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ ଓ ସହ-ଆବାହକ ଡ଼କ୍ଟର ଶିଖାଶ୍ରୀ ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧକ୍ଷୀୟ ଭାଷଣରେ ବିଶ୍ୱବିଦ୍ୟାଳୟର




କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଜ୍ଞାନଚର୍ଚ୍ଚା, ଗବେଷଣାମୂଳକ ଦୃଷ୍ଟିଭଙ୍ଗୀ ଓ ଜଳତଳ ଐତିହ୍ୟ ସଂରକ୍ଷଣ କ୍ଷେତ୍ରରେ ଶିକ୍ଷାନୁଷ୍ଠାନମାନଙ୍କର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଉଚ୍ଚଶିକ୍ଷା, ଗବେଷଣା ଓ ଅନ୍ତଃବିଭାଗୀୟ ଅଧ୍ୟୟନର ଗୁରୁତ୍ୱ ଉପରେ ମତ ରଖିଥିଲେ । ମୁଖ୍ୟ ବକ୍ତା ପ୍ରଫେସର ଭି. ସେଲଭକୁମାର ସାମୁଦ୍ରିକ ପ୍ରତ୍ନତତ୍ତ୍ୱର ସାମ୍ପ୍ରତିକ ଅଗ୍ରଗତି ଉପରେ ଆଲୋକପାତ କରିଥିବାବେଳେ ପ୍ରଫେସର ଆ ?. କେ. ମହାନ୍ତି ଭାରତୀୟ ପ୍ରତ୍ନତତ୍ତ୍ୱ ଅନୁସନ୍ଧାନର ଐତିହାସିକ ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ । ଡ଼କ୍ଟର ସିଲା ତ୍ରିପାଠୀ ସାମୁଦ୍ରିକ ପ୍ରତ୍ନତତ୍ତ୍ୱ ଓ ଉପକୂଳୀୟ ଐତିହ୍ୟ ସଂରକ୍ଷଣ କ୍ଷେତ୍ରରେ ନିଜର ଅଭିଜ୍ଞତା ବା[ିଥିଲେ । ଉଦ୍ଯାପନୀ ଅଧିବେଶନକୁ ଡ଼କ୍ଟର ଶିଖାଶ୍ରୀ ରାୟ ପରିଚାଳନା କରିଥିଲେ ଓ ଡ଼କ୍ଟର ବିଶ୍ୱଜିତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଦୁଇଦିନିଆ ସମ୍ମିଳନୀରେ ପ୍ରଫେସର ଆଲୋକ ତ୍ରିପାଠୀ, ଡ଼କ୍ଟର ବେରେନିସ ବେଲିନା, ପ୍ରଫେସର ସୁନୀଲ କୁମାର ପଟ୍ଟନାୟକ, ଡ଼କ୍ଟର ଉମାକାନ୍ତ ମିଶ୍ର, ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ, ପ୍ରଫେସର ଦେବାଶିଷ ପାତ୍ର ପ୍ରମୁଖଙ୍କ ଅଂଶଗ୍ରହଣରେ ଚାରିଟି ପ୍ଲେନାରି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ବନ୍ଦର, ଜାହାଜ ଧ୍ୱଂସାବଶେଷ, ସାମୁଦ୍ରିକ ବାଣିଜ୍ୟ, ଜଳତଳ ସାଂସ୍କୃତିକ ଐତିହ୍ୟ ଓ ଆଧୁନିକ ପ୍ରତ୍ନତାତ୍ତ୍ୱିକ ପଦ୍ଧତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।ଏହି ଆନ୍ତର୍ଜାତୀୟ ସମ୍ମିଳନୀ ଗବେଷକ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀଙ୍କ ପାଇଁ ଜ୍ଞାନ ବିନିମୟର ଏକ ଗୁରୁତ୍ୱପୂର୍ଣ୍ଣ ମଂଚ ସୃଷ୍ଟି କରିବା ସହ ଫକୀରମୋହନ ବିଶ୍ୱବିଦ୍ୟାଳୟର ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଗବେଷଣା କ୍ଷେତ୍ରରେ ଉତ୍କର୍ଷତା ପ୍ରତି ଅଙ୍ଗୀକାରକୁ ଆହୁରି ସୁଦୃଢ଼ କରିପାରିଛି ।

# କନିଷ୍ଠ ଦୌଡ଼କୁଦ ଖେଳାଳି ଚୟନ ପ୍ରତିଯୋଗିତା

ବାଲେଶ୍ୱର(ନି.ପ୍ର.) ଜିଲ୍ଲା କ୍ରୀଡ଼ାସଂଘ ଆନୁକୁଲ୍ୟରେ ଆସ ଂ। ମାସ ୧୪.୦୭.୨୦୨୬ ଏବଂ ୧୫.୦୭.୨୦୨୬ ରିଖ ରେ କନିଷ୍ଠ ଦୌଡକୁଦ ଖେଳାଳି ଚୟନ ପ୍ରତୀଯୋଗିତା ସ୍ଥାନୀୟ ପରମିଟ ପଡିଆ ଠାରେ ଦୁଇଦିନ ଧରି ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡାସଂଘ ର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଭୟ ମହାପାତ୍ର ଜଣାଇଛନ୍ତି । ଏହି ଚୟନ ପ୍ରତୀଯୋଗିତା ୧୪,୧୬,୧୮ଏବଂ ୨୦ ବର୍ଷ ରୁ କମ୍ ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ହେବ । ଆଗ୍ରହୀ ସ୍କୁଲ,କଲେଜ ଏବଂ ଅନୁଷ୍ଠାନର କ୍ରୀଡାବିତ ମାନେ ଜିଲ୍ଲା କ୍ରୀଡାସଂଘ ଅଫିସରୁ ଫର୍ମ ନେଇ ୦୭.୦୭.୨୦୨୬ ରିଖ ସୁଦ୍ଧା ସେମାନଙ୍କର ନାମ ଅନୁଷ୍ଠାନ ଜରିଆରେ ପିକରଣ କରାଇବେ ।



ପ୍ରତିଯୋଗିତା ବିଷୟରେ ଅଧିକ ବିବରଣୀ ପାଇଁ ଯୁଗ୍ମ ସମ୍ପାଦକ ଶ୍ରୀ ସଂଜୟ ଲେଙ୍କା (୬୩୭୧୬୫୨୯୩୩), ବିରେନ୍ଦ୍ର କୁମାର ସ୍ୱାଇଁ (୮୧୪୪୬୮୯୪୮୫))ଙ୍କ ସହିତ ଯୋଗାଯଗ କରିବା ପାଇଁ ଜିଲ୍ଲା କ୍ରୀଡାସଂଘ ର କାର୍ଯ୍ୟକାରୀ ସଭାପତି ଶ୍ରୀ ମହାପାତ୍ର ଜଣାଇଛନ୍ତି । ଏହି ଚୟନ ପ୍ରତୀଯୋଗିତା ରେ ଯୋଗ୍ୟ ବିବେଚିତ ଖେଳାଳି ମାନେ ଅଗଷ୍ଟ ମାସରେ କଟକ ଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ କନିଷ୍ଠ ଦୌଡକୁଦ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ ।

# ବାଲେଶ୍ୱର ଅଡ଼ର ବଜାରରେ ଗୁଳିକାଣ୍ଡ, ବ୍ୟବସାୟୀ ମୃତ

ବାଲେଶ୍ୱର, (ନି.ପ୍ର.): ବାଲେଶ୍ୱର ସହଦେବ ଖୁଁ[। ଅଡର ବଜାର ଗୁଳିକାଣ୍ଡ । ବାଇକରେ ୨ ଜଣ ଦୁର୍ବୃତ ଆସି ଗୁଳିମାଡ଼ କରିଛନ୍ତି । ଗୁଳିମାଡରେ ବ୍ୟବସାୟୀ ଶେଖ ହମିଦଙ୍କ ମୃତ୍ୟୁ ଘଟିଛି । ଦୁର୍ବୃତମାନେ ତାଙ୍କ ଉପରକୁ ୮ ରାଉଣ୍ଡ ଗୁଳିମାଡ଼ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଂଚି ଘଟଣାର ତଦନ୍ତ କରୁଛି । ଶେଖ ହମିଦ ନିଜ କାରରେ ଅଡର ବଜାରକୁ ଆସୁଥିଲେ । ଏହି ସମୟରେ ଦୁଇ ଜଣ ଅଜଣା ଦୁର୍ବୃତ ଏକ ବାଇକରେ ତାଙ୍କୁ ପିଛା କରୁଥିଲେ । ହମିଦ କାରରୁ ଓହ୍ଲାଇବା ମାତ୍ରେ ଦୁର୍ବୃତମାନେ ତାଙ୍କ ଉପରକୁ ଅତର୍କିତ ଭାବେ ଗୁଳିଚାଳନା କରି ଫେରାର





ହୋଇଯାଇଥିଲେ । ଦୁର୍ବୃତମାନେ ହମିଦଙ୍କ ଉପରକୁ ୮ ରାଉଣ୍ଡ ଗୁଳିମାଡ କରିଥିବା ଜଣାପଡିଛି । ଗୁଳି ବାଜିବା ପରେ ହମିଦ ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ । ଘଟଣାସ୍ଥଳରେ ଉପସ୍ଥିତ ଲୋକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ ମେଡିକାଲକୁ ନେଇଥିଲେ । ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସହଦେବଖୁଁ[। ପୁଲିସ ଓ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି । ଆକ୍ରମଣକାରୀମାନଙ୍କୁ ଚିହ୍ନଟ କରିବା ପାଇଁ ନିକଟସ୍ଥ ସିସିଟିଭି ଫୁଟେଜ୍ ଯାଂଚ କରାଯାଉଥିବା ବେଳେ, ଗୁଳିକାଣ୍ଡ ପଛର କାରଣ ନେଇ ମଧ ଖୋଳତାଡ଼ ଚାଲିଛି । ପୂର୍ବ ଶତ୍ରୁତା, ବ୍ୟବସାୟିକ ବିବାଦ କିମ୍ବା ଅନ୍ୟ କୌଣସି କାରଣ ରହିଛି କି ନାହିଁ, ସେ ଦିଗରେ ପୁଲିସ ତଦନ୍ତ କରୁଛି । ଆଜିକାର ଏହି ଘଟଣାରୁ ଯାହା ଅନୁମାନ କରାଯାଉଛି ବ୍ରାଉନସୁଗାର ବ୍ୟବସାୟ, ଜମି ବିକ୍ରୟ, ବ୍ୟବସାୟିକ ଟଙ୍କା ବଂଟନ ଇତ୍ୟାଦିକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି । ଅପରପକ୍ଷରେ ଦୋକାନ ବନ୍ଦ କରି ଘରକୁ ଖାଇବାକୁ ଆସୁଥିବା ବେଳେ ତାଙ୍କ ପିଛା କରୁଥିବା ଦୁଇଜଣ ଯୁବକ ଯେଉଁମାନଙ୍କୁ ତାଙ୍କ ସହ ପୂର୍ବରୁ ବ୍ୟବସାୟିକ ସମ୍ପର୍କ ନିବିଡ଼ ହୋଇଥିବା ବା ଦୋକାନରେ କୌଣସି ବ୍ୟକ୍ତିଙ୍କ ଖବରକୁ ନେଇ ଏଭଳି ପ୍ରାଣାନ୍ତକ ଆକ୍ରମଣ କରି ମାରି ଦିଆଯିବା ବାଲେଶ୍ୱର ସହରରେ ଏକ ଚର୍ଚ୍ଚାର ବିଷୟ ହୋଇଛି ।

# ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସ୍ୱତନ୍ତ୍ର ବୈଠକ ଆହ୍ୱାନ

ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ଜିଲ୍ଲାରେ ସରକାରୀ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ଦାବିରେ ସରକାରୀ ମେଡିକାଲ୍ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆସନ୍ତା ୨୮ ତାରିଖ, ରବିବାର ଦିନ ବାଲେଶ୍ୱରର ପ୍ରମୁଖ ଗଣ ସଂଗଠନ ଓ ସମସ୍ତ ରାଜନୈତିକ ନେତୃବୃନ୍ଦଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରାଯାଇଛି । ଦୀର୍ଘ ୫ ବର୍ଷ ତଳେ ଏମ୍ସ ସାଟେଲାଇଟ୍ ସେ□ର ଚିକିତ୍ସାଳୟ ସୌଧ ନିର୍ମାଣ କାର୍ଯ୍ୟ ସମାପ୍ତ ପରେ ସପ୍ତାହକୁ ମାତ୍ର ଦୁଇଦନ ପାଇଁ ବହିର୍ବିଭାଗ କାର୍ଯ୍ୟ କରୁଛି । ସେଠାରେ ରୋଗ ନିରୁପଣ ନିମି□ କୌଣସି ପରୀକ୍ଷା ନିରୀକ୍ଷାର ଉପକରଣ ଓ ବୈଷୟିକ କର୍ମଚାରୀ ନଥିବାରୁ ରୋଗୀମାନେ ହତାଶ ହେଉଛନ୍ତି । ଫଳରେ ରୋଗୀ ସଂଖ୍ୟା ହ୍ରାସ ପାଇଚାଲିଛି । ଗତ ଦୁଇବର୍ଷ ପୂର୍ବରୁ ବାଲେଶ୍ୱର ଏମ୍ସ ସାଟେଲାଇନ୍ ସେ□ର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ବୋଲି ଭୁବନେଶ୍ୱର ଏମ୍ସର ନିର୍ଦ୍ଦେଶକ ବାଲେଶ୍ୱର ଗସ୍ତ ଅବସରରେ କ୍ରିୟାନୁଷ୍ଠାନ କମିଟିର ନେତୃତ୍ୱଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ବାଲେଶ୍ୱର ସାଂସଦ ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏମ୍ସ ସାଟେଲାଇଟ୍ ସେ□ରକୁ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ କହିଥିବାର ସମ୍ବାଦ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ବାଲେଶ୍ୱରବାସୀଙ୍କ ଦାବିପ୍ରତି ସରକାର ଗୁରୁତ୍ୱ ଦେଉନଥିବା ସଂପର୍କରେ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକରେ ମତ ପ୍ରକାଶ ପାଇଛି ।

ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ପ୍ରଦୀପ ଦାସ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ, ମେଡିକାଲ୍ କଲେଜ୍ ହସ୍ପିଟାଲ୍ ସମେତ ଜିଲ୍ଲାର ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଆବଶ୍ୟକୀୟ ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବରୁ ରୋଗୀମାନେ ଉନ୍ନତ ସ୍ୱାସ୍ଥ୍ୟସେବାରୁ ବ□ିତ ହେଉଥିବାର କହିଥିଲେ । ଦୀର୍ଘଦିନର ଦାବିପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ହୃଦରୋଗ ଓ ମୂତ୍ରାଶୟଜନିତ ରୋଗର ବିଶେଷଜ୍ଞ ଡାକ୍ତରଙ୍କୁ ସାମୟିକ ନିଯୁକ୍ତି ଦିଆଯାଇଥିବାର କୁହାଯାଉଛି । କିନ୍ତୁ ଉକ୍ତ ଚିକିତ୍ସା ପାଇଁ ଆବଶ୍ୟକୀୟ ଉପକରଣ ଓ ବୈଷୟିକ କର୍ମଚାରୀ ନାହାନ୍ତି । ତେଣୁ ଏହି ସମସ୍ୟାଗୁଡ଼ିକ ଉପରେ ବାଲେଶ୍ୱରର ବୁଦ୍ଧିଜୀବୀ ଓ ବିଭିନ୍ନ ସଂଗଠନର ନେତୃବୃନ୍ଦଙ୍କ ପରାମର୍ଶକ୍ରମେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର ହେବ ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ । ଏଥିପାଇଁ ଆସନ୍ତା ରବିବାର ଦିନ ନଅଟାରେ ବାଲେଶ୍ୱର ଓକିଲ ସଂଘର ସଭାଗୃହରେ ଏକ ସ୍ୱତନ୍ତ୍ର ବୈଠକ ଆହ୍ୱାନ କରାଯାଇଛି । ଏହି ବୈଠକରେ ସେମାନେ ଯୋଗଦେଇ ସୁଚିନ୍ତିତ ମତାମତ ଓ ପରାମର୍ଶ ଦେବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିବେଦନ କରାଯାଇଛି ।

ଏହି ବୈଠକରେ ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ଦାସ, ଡ. କେଶବ ଚରଣ ପଣ୍ଡା, ଲକ୍ଷ୍ମଣ ବିଶ୍ୱାଳ, ରବିନାରାୟଣ ଭୋଳ, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ, ଅକ୍ଷୟ କୁମାର ତ୍ରିପାଠୀ, ମାୟାଧର ବିଶ୍ୱାଳ, ଡ. କ୍ଷିତୀଶ୍ୱର ଦାଶ, ଯୋଗେଶ ଚନ୍ଦ୍ର ପ୍ରଧାନ, ଡା. ତାରାକାନ୍ତ ନନ୍ଦ, ସୀତାରାମ ପ୍ରଧାନ ଓ ପୁରୁଷୋ□ମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗୌରାଙ୍ଗ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ନିଶାମୁକ୍ତ ସପ୍ତାହ ପାଳନ

ବାଲେଶ୍ୱର(ନି.ପ୍ର.)ଜିଲ୍ଲା ପ୍ରଶାସନ, ବାଲେଶ୍ୱର ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡିଶା ସରକାରଙ୍କ ମିଳିତ ସହଯୋଗରେ ନିଶାମୁକ୍ତ ସପ୍ତାହ ପାଳନ ଅବସରରେ ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ସଚେତନତା ପଦଯାତ୍ରା ଏବଂ ସାମୂହିକ ଶପଥ ପାଠ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ମିଳିତ ଭାବେ ପତାକା ଦେଖାଇ ପଦଯାତ୍ରାର ଉଦ୍ଘାଟନ କରିଥିଲେ । ଏହି ପଦଯାତ୍ରାରେ ପ୍ରୟାସ ଅନୁଷ୍ଠାନ ଦ୍ୱାରା ପରିଚାଳିତ "ଦିଶା"ର ସ୍ୱେଚ୍ଛାସେବୀ ଓ କର୍ମକର୍ତାମାନଙ୍କ ସହ ଛାତ୍ରଛାତ୍ରୀମାନେ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।ଏହି ନିଶାମୁକ୍ତ ସପ୍ତାହ ପାଳନ ଅବସରରେ ଜିଲ୍ଲାପାଳଙ୍କ ଅଡିଟୋରିୟମ୍ ? ହଲ୍ ?ରେ ଆନ୍ତର୍ଜାତୀୟ ନିଶାର ଅପବ୍ୟବହାର ଓ ଅବୈଧ କାରବାର ନିରୋଧ ଦିବସ ମଧ୍ୟ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର (ସାଧାରଣ) ଶ୍ରୀ ତପନ କୁମାର ଖୁଁ[ଆ ଏବଂ ଉପ-ଜିଲ୍ଲାପାଳ, ବାଲେଶ୍ୱର ଶ୍ରୀ ଶିବ ମାଳବ୍ୟ ଯୋଗଦାନ କରି ନିଶାମୁକ୍ତ ଭାରତ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଓ



ସଚେତନତା ବାର୍ତା ପ୍ରଦାନ କରିଥିଲେ ।ସମ୍ମାନିତ ଅତିଥି ଭାବେ ଅବକାରୀ ଅଧିକ୍ଷକ ଏବଂ ଶିଶୁ ସୁରକ୍ଷା ଅଧିକାରୀ ଯୋଗଦେଇ ନିଶାର ଅପବ୍ୟବହାର ଓ ଅବୈଧ କାରବାରକୁ ରୋକିବା ପାଇଁ ସଚେତନତାମୂଳକ ବାର୍ତା ପ୍ରଦାନ କରିଥିଲେ ।ପ୍ରଜାପିତା ବ୍ରହ୍ମକୁମାରୀ, ବାଲେଶ୍ୱର ପକ୍ଷରୁ ଗଣେଶ ଭାଇ ଓ ମିନତୀ ଭଉଣୀ ସଭାରେ ଉପସ୍ଥିତ ରହି ନିଶାମୁକ୍ତ ଭାରତ ଗଠନ ପାଇଁ ସାମୂହିକ ଶପଥ ପାଠ କରାଇଥିଲେ ।ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ପ୍ରତିଭା ବେହେରା ପରିଚାଳନା କରିବା ସହିତ ନିଶାମୁକ୍ତ ସପ୍ତାହ ଅବସରରେ ବାଲେଶ୍ୱର ଜିଲ୍ଲାରେ ଆୟୋଜିତ ବିଭିନ୍ନ ନିଶାମୁକ୍ତି ସଚେତନତାମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ, ଅବକାରୀ ବିଭାଗର କର୍ମଚାରୀବୃନ୍ଦ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର କର୍ମକର୍ତାବୃନ୍ଦ ଉପସ୍ଥିତ ଥିଲେ ।ଶେଷରେ ପ୍ରୟାସ ଅନୁଷ୍ଠାନର ସମ୍ପାଦକ ଶ୍ରୀ ଜୀବନ ରଞ୍ଜନ ମଲ୍ଲିକ ସଭାରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଡକାୟତି ଉଦ୍ୟମ ପଣ୍ଡ: ୬ ଅଭିଯୁକ୍ତ ଗିରଫ

ବାଲେଶ୍ୱର(ନି.ପ୍ର.) : ବାଲେଶ୍ୱର ରେଳଷ୍ଟେସନ ପଛପଟ ମାଲଗୋଦାମ ରେଳପଥ ନିକଟରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ଖବର ପାଇ ପୁଲିସ ଟିମ୍ ? ଚଢ଼ାଉ କରି ଜଣେ ନାବାଳକଙ୍କ ସମେତ ୬ଜଣଙ୍କୁ ଧରିଛି । ସେମାନଙ୍କ ନିକଟରୁ ପିସ୍ତଲ, ଅଫୁଟାଗୁଳି, ଖଣ୍ଡା, ବୋମା ଆଦି ମାରଣାସ୍ତ୍ର ଜବତ କରିଛି । ଆଜି (ବୁଧବାର) ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସହଦେବଖୁଁ[। ପୁଲିସ ଧରପଗଡ଼ ସମ୍ପର୍କରେ ସୂଚନା ଦେଇଛି । ଅତିରିକ୍ତ ଏସ୍ ପି ଦେବଜ୍ୟୋତି ଦାସଙ୍କ ସୂଚନାନୁସାରେ, ମଙ୍ଗଳବାର ବିଳମ୍ବିତ ରାତିରେ ସହଦେବଖୁଁ[। ଥାନା ପୁଲିସ ପକ୍ଷରୁ ନାଇଟ୍ ପେଟ୍ରୋଲିଂ ଚାଲିଥିଲା । ରାତି ପ୍ରାୟ ୧ଟା ୫୫ ମିନିଟ ସମୟରେ ହରିପୁର ଛକ ନିକଟରେ ପୁଲିସକୁ ଏକ ବିଶ୍ୱସନୀୟ ସୂଚନା ମିଳିଥିଲା । ବାଲେଶ୍ୱର ରେଳଷ୍ଟେସନ ପଛପଟ ମାଲଗୋଦାମ ରେଳପଥ ନିକଟ ଓଭରବ୍ରିଜ ତଳେ ୫ରୁ



୬ ଜଣ ସଶସ୍ତ୍ର ଦୁର୍ବୃତ ଏକତ୍ରିତ ହୋଇଥିବା ଜଣାଯାଇଥିଲା ।

ଏହି ସୂଚନା ପାଇବା ପରେ ପୁଲିସ ତୁରନ୍ତ ଡିଏସପି ସିଟି, ବାଲେଶ୍ୱରଙ୍କୁ ଅବଗତ କରିଥିଲା । ପରେ ରାତି ପ୍ରାୟ ୨ଟା ୫ ମିନିଟରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଂଚି ଚୁପଚାପ ଆଗକୁ ବଢ଼ିଥିଲା । ସେଠାରେ ଦୁର୍ବୃତମାନଙ୍କ କଥାବାର୍ତା ଶୁଣାଯାଉଥିବା ବେଳେ ହଠାତ୍ ଜଣେ ଦୁର୍ବୃତ ଟର୍ଚ୍ଚ ଲାଇଟ ମାରିଥିଲା । ପୁଲିସକୁ ଦେଖି ସମସ୍ତେ ବିଭିନ୍ନ ଦିଗକୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ । ହେଲେ ପୁଲିସ ଟିମ୍ ସେମାନଙ୍କୁ ଘେରାଉ କରି ୬ ଜଣଙ୍କୁ କାବୁ କରିଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ସୁରଜ କୁମାର ମହାନ୍ତି , (୨୯), ପ୍ରତୀକ ନାୟକ (୨୩), କୁଡିଆ, ଦିବ୍ୟରଞ୍ଜନ ସ୍ୱାଇଁ (୨୪), ଚମ୍ପୁ, ଦୀପେଶ କୁମାର ଜେନା (୩୯), ଗୋପାଳଗାଁ, ଏସ୍ ?.କେ. କୁରବାନ (୩୭), ଧରାପଡିଥିବା ଜଣେ ନାବାଳକଙ୍କୁ ସୁଧାର ଗୃହ କୁ ପଠାଇ ଦିଆଯାଇଛି ।ପଚରାଉଚରାରେ ସେମାନେ ରାତିରେ ଟ୍ରେନ ଓ ବସରେ ଆସୁଥିବା ଯାତ୍ରୀଙ୍କୁ ଲୁଟ କରିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଛନ୍ତି । ପୁଲିସ ସେମାନଙ୍କ ନିକଟରୁ ପିସ୍ତଲ, ୪ଟି ଜୀବନ୍ତ ଗୁଳି, ଏକ ଓପୋ ମୋବାଇଲ, ଏକ ରେଡମି ମୋବାଇଲ, ଏକ କଳା ରଙ୍ଗର ହୋଣ୍ଡା ସିବି ସାଇନ୍ ମୋଟରସାଇକେଲ, ଖଣ୍ଡା, ୨ଟି ଦେଶୀ ବୋମା, ଏକ ସୁଜୁକି ଆକ୍ସେସ ସ୍କୁଟି ଓ ଏକ ଏଚ୍ ?ଏଫ୍ ? ଡିଲକ୍ସ ମୋଟରସାଇକେଲ ଜବତ କରିଛି । ଏନେଇ ସହଦେବଖୁଁ[। ଥାନାରେ କେସ ନମ୍ବର ୨୮୪, ତାରିଖ ୨୪.୦୬.୨୦୨୬ରେ ବିଏନଏସ ଧାରା ୩୧୦(୪)/୩୧୦(୫), ଅସ୍ତ୍ର ଆଇନ ଓ ବିସ୍ଫୋରକ ପଦାର୍ଥ ଆଇନରେ ମାମଲା ରୁଜୁ କରାଯାଇଛି ।

# ବିକାଶ ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଉଦ୍‌ଯାପିତ




ଖଇରା(ନିପ୍ର): ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତୀ ଉତ୍ସବ ବିକାଶ ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଖଇରା ବ୍ଲକରେ ଡଗରପଡା ସେବାଶ୍ରମ ଛାତ୍ରଙ୍କ ଘୁମୁରା ନୃତ୍ୟର ତାଳେ ତାଳେ ଗୁରୁବାର ଉଦଯାପିତ ହୋଇ ଯାଇଛି । ବୁଧବାର ଉଦଯାପନୀ ଦିବସରେ ଅଧିକାରୀ ମାନଙ୍କ ଦ୍ୱାରା ଖଇରା ପଂଚାୟତ ସମିତିରେ ୨ବର୍ଷ ମଧ୍ୟରେ ବିଭିନ୍ନ ଯୋଜନାରେ ଖର୍ଚ୍ଚ ହୋଇଥିବା ଅର୍ଥର ହିସାବ ପ୍ରଦାନ କରାଯାଇଥିଲା । ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ ଓ ସଭ୍ୟା ରଶ୍ମିତା ମହାପାତ୍ର, ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଖଇରା ବ୍ଲକରେ ସମସ୍ତ ଯୋଜନାର ସଫଳ ରୂପାୟନ ହୋଇ ଥିବାରୁ ବ୍ଲକ ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବ୍ଲକକୁ ଆଗକୁ ନେବାରେ ସହଯୋଗ କରିଥିବା ବିଡିଓ ନାରାୟଣ ସାହୁ, ବଡବାବୁ ବ୍ରହ୍ମାନନ୍ଦ ଦାଶ, ବିଏଫଓ ରୁଦ୍ରମାଧବ ବେହେରା, ସିଡିପିଓ ଉର୍ମିଳା ବେହେରା, ବିଏସଏସଓ ସରୋଜ କୁମାର ନାୟକ, ବିପିସି ଅନନ୍ତ କୁମାର କୁଅଁର ତଥା ୪ଦିନ ଧରି ମଂଚ ପରିଚାଳନା କରୁଥିବା ବିଜୟ କେତନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ବୟସ୍କ ବିଧବାକୁ ନୂତନ ଭାବେ ଭତା, ମୁଖ୍ୟମନ୍ତ୍ରୀ ଅର୍ଣ୍ଣପୂର୍ଣ୍ଣା ଯୋଜାନରେ ନୂତନ ରେସନକାର୍ଡ, ଅଙ୍ଗନୱାଡ଼ି କର୍ମୀଙ୍କୁ ନୂଆ ମୋବାଇଲ, ଅସହାୟଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ୪ଦିନ ଧରି ବ୍ଲକର ସମସ୍ତ କର୍ମଚାରୀ ୨ବର୍ଷ ପୂର୍ତୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ସୁବର୍ଣ୍ଣରେଖା ନଦୀବନ୍ଧ ନିର୍ମାଣରେ ଅନିୟମିତତା

ଜଳେଶ୍ୱର(ନିପ୍ର): ଆଗକୁ ବର୍ଷା ଋତୁ ଆସୁଥିବାରୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଲକ୍ଷ୍ମଣନାଥ ପଂଚାୟତ ଅନ୍ତର୍ଗତ ବିରିସପୁର ଏବଂ ଲକ୍ଷ୍ମଣନାଥ ଗ୍ରାମ ନିକଟରେ ସୁବର୍ଣ୍ଣରେଖା ନଦୀବନ୍ଧ କାର୍ଯ୍ୟ ଜୋରସୋର ସାରରେ । ଚାଲିଛି । ଏହି ପ୍ରକ ପ୍ରକଳ୍ପ ପାଇଁ ସରକାରଙ୍କ ପକ୍ଷରୁ ସୁବର୍ଣ୍ଣରେଖା ସଂସ୍କାର ଯୋଜନାରେ ବିରିସପୁର, ପଂଚୁଘଂଟା, ବଜାର ଷୋଳ, କୁଣ୍ଡୁଳି ଗ୍ରାମର ସୁବର୍ଣ୍ଣରେଖା ନଦୀରେ ପଥର ପ୍ୟାକିଙ୍ଗ ପାଇଁ ୧୩ କୋଟି ୫ ଲକ୍ଷ, ୯୮ ହଜାର ୯୩୧ ଟଙ୍କାର ବ୍ୟୟ ଅଟକଳ ଖର୍ଚ୍ଚ ହେଉଥିବା ମାତ୍ର କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ । ଏହା ସହିତ ନଦୀବନ୍ଧ ନିର୍ମାଣ କାର୍ଯ୍ୟରେ ବଡ଼ ପଥର ଖଣ୍ଡ ପରିବର୍ତେ ଅତ୍ୟନ୍ତ ନିମ୍ନମାନର ଛୋଟ ଛୋଟ ପଥରରେ କାର୍ଯ୍ୟ ବହେଉଥିବା ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ନିମ୍ନମାନର କାର୍ଯ୍ୟ ଯୋଗୁ ଆଗାମୀ ବନ୍ୟା ସମୟରେ ବନ୍ଧ ଭାଙ୍ଗି ଗ୍ରାମଗୁଡ଼ିକ ଜଳମଗ୍ନ ଜଳମଗ୍ନ ହେବାର ଆଶଙ୍କା କରି ସୋମବାବାର ଯୁବନେତା ଅନୁପ ପ୍ରଧାନ ଜିଲାପାଳଙ୍କ ନଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଏକ ଲିଖତ ଅଭିଯୋଗ କରିଛନ୍ତି ।ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦେଶ ପାଇଁ ଇରିଗେଶ୍ୱନ ବିଭଗାର ଉପଖଣ୍ଡ ଅଧକାରୀ ସତ୍ୟ ସୁନ୍ଦର ମଣ୍ଡଳ, କନିଷ୍ଠ ଯନ୍ତ୍ରୀ ଶ୍ରୀ ସିଂ ବିରିସପୁରରେ ପହଂଚି ଥିଲେ ଓ ଏବଂ ଗ୍ରାମ ପଂଚାୟତର ରଞ୍ଜନ କୁମାର ମହାନ୍ତି, ପୂର୍ବତନ ସରପଂଚ ଭବାନୀ ଶଙ୍କର ମହାନ୍ତି, ତ୍ରିଲୋଚନ ଘୋଷ, ମଧୁସୁଧନ ଗିରି, ପଂଚାନନ ଦାସ, ବିଭୁତି ପାଟବିନ୍ଧା, ମାନଗୋବିନ୍ଦ ଦଳାଇ ପ୍ରମୁଖ ଗ୍ରାମବାସୀ ମାନେ ଅଧକାରୀ ମାନଙ୍କୁ କାର୍ଯ୍ୟ ବାବଦରେ ଆଲୋଚନା କରିଥିଲେ ବିଭାଗୀୟ ଅଧକାରୀ ଠିକାଦାର କାର୍ଯ୍ୟର ରେକଟିଫାୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ନିଶାମୁକ୍ତ ସମାଜ ଗଠନ ପାଇଁ ଗଡ଼ିଲା ସଚେତନତା ରଥ



ନୟାଗଡ଼(ନିପ୍ର): ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଏବଂ ଅବୈଧ ଚାଲାଣ ବିରୋଧୀ ଅଭିଯାନ-୨୦୨୬ ସପ୍ତାହ ପାଳନ ଅବସରରେ ଆଜି ପୂର୍ବାହ୍ନ ୧୦ଟା ସମୟରେ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ମାନନୀୟା ଜିଲ୍ଲାପାଳ ମଧୁମିତା ରଥ ସବୁଜ ପତାକା ଦେଖାଇ ଏହି ସଚେତନତା ରଥକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଅବକାରୀ ଅଧିକ୍ଷକ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସରକାରୀ କର୍ମଚାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ । ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ଏବଂ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କୁ ଏକାଠି ହୋଇ କାମ କରିବାକୁ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ସଚେତନତା ରଥ ଜିଲ୍ଲାର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ଜନସାଧାରଣଙ୍କ ମଧ୍ୟରେ ନିଶା ବିରୋଧୀ ବାର୍ତ୍ତା ପହଂଚାଇବ ।

# ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଯାଇଥିବା ପୋଲିସଙ୍କୁ ଆକ୍ରମଣ



ଲଙ୍ଗଳେଶ୍ୱର(ନିପ୍ର): ଏକ ଅଭିଯୋଗ ଆଧାରରେ ଅପରାଧୀକୁ ଗିରଫ କରିବା ପାଇଁ ଯାଇ ପରିବାର ସଦସ୍ୟଙ୍କ ଆକ୍ରମଣର ଶିକାର ହେଇଛି ବାଲିଆପାଳ ପୋଲିସ । ସୁଚନା ଅନୁସାରେ ବାଲିଆପାଳ ଥାନା ଅନ୍ତର୍ଗତ କଚୁଆପଡା ଗ୍ରାମର ଶିବ କୁମାର ଜେନାଙ୍କ ପୁଅ କିଛି ଦିନ ପୂର୍ବରୁ ସିଂଲା ଥାନା ଅନ୍ତର୍ଗତ ବୋଲଂ ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀଙ୍କ ଝିଅଙ୍କୁ ଅପହରଣ କରି ନେଇଥିଲେ । ମାତ୍ର ଝିଅ ସାବାଳକ ହୋଇଥିବାରୁ ଏନେଇ କୌଣସି ମାମଲା ରୁଜୁ ହୋଇନଥିଲା ।ଉଭୟଙ୍କ ମଧ୍ୟରେ ଜାତି ଗତ ତାରତମ୍ୟ ରହିଥିବା ଯୋଗୁଁ ଝିଅର ପରିବାର ଲୋକ ପୁଅ ଘରକୁ ଗତ ୨୧ ତାରିଖ ଦିନ ଯାଇ ଆପୋଷ ବୁଝାମଣା କରି ଝିଅକୁ ଫେରାଇ ଆଣିବା ପାଇଁ ଯାଇଥିଲେ । ତେବେ ଏହି ସମୟରେ ପୁଅର ଭାଇ, ମା ଏବଂ ପରିବାରର ଅନ୍ୟ ସଦସ୍ୟମାନେ ଝିଅ ଘରୁ ଆସିଥିବା ଲୋକମାନଙ୍କୁ ନିସ୍ଥୁକ ମାଡ଼ ମାରି ବାଲିଆପାଳ ଥାନାରେ ଜିମା ଦେଇଥିଲେ । ବାଲିଆପାଳ ପୋଲିସ ଏହି ଘଟଣାରେ ପୃଥକ ଭାବରେ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଥିବା ସମୟରେ ଜଣାପଡିଥିଲା କି ଶିବ ଜେନାଙ୍କ ବଡ ପୁଅ ଉତମ କୁମାର ଜେନା ଝିଅ ଘରୁ ଆସିଥିବା ଲୋକମାନଙ୍କୁ କୌଣସି କାରଣ ନଥାଇ ନିର୍ଦ୍ଧୁମ ମାଡ ମାରିଥିଲା । ତେଣୁ ଆଜି ସକାଳେ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ ଏକ ଟିମ ନେଇ ଅଭିଯୁକ୍ତକୁ ଗିରଫ କରିବା ପାଇଁ ତାଙ୍କ କଚୁଆପଡା ସ୍ଥିତ ବାସଭବନରେ ପହଂଚି ଥିଲେ । ପୋଲିସକୁ ଦେଖିବା ପରେ ଅଭିଯୁକ୍ତର ପରିବାର ଲୋକ ସଂଘବଦ୍ଧ ଭାବରେ ଥାନା ଅଧିକାରୀ ଶ୍ରୀ ମୁର୍ମୁଙ୍କୁ ବିଭିନ୍ନ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଆଇଆଇସିଙ୍କ ମୁଣ୍ଡ, ଛାତିରେ ଆଘାତ ଲାଗିଛି । ପରେ ଖବର ପାଇ ଅଧିକ ପୋଲିସ କର୍ମୀଙ୍କ ସହ ତାଙ୍କ ବାସଭବନରେ ଚଢ଼ାଉ କରିଥିଲେ ମଧ ପରିବାର ଲୋକ ଫେରାର ହୋଇଯାଇଥିଲେ । ଖବର ପାଇ ବସ୍ତା ଏସଡିପିଓ ସମର୍ଥ କୁମାର ବେହେରା ବାଲିଆପାଳ ଥାନାରେ ପହଂଚିଥିଲେ । ଏନେଇ ବାଲିଆପାଳ ଥାନାରେ ୩୦୮/୨୬ରେ ଏକ ମାମଲା ରୁଜୁ ହୋଇଛି । ତେବେ ଅପରାହ୍ନରେ ବସ୍ତା ଥାନା ଅଂଚଳରୁ ଅଭିଯୁକ୍ତ ପରିବାରର ତିନି ଜଣ ମହିଳା ଯଥା ଶିବ ଜେନାଙ୍କ ସ୍ତ୍ରୀ ରିନା ଜେନା, ତାଙ୍କ ଝିଅ ରଚନା ଜେନା ଏବଂ ତାଙ୍କ ବହୁ ପଦ୍ମପ୍ରଭା ମହାନ୍ତିଙ୍କୁ ଗିରଫ କରିଛି । ଶିବ ଜେନା, ଗୌତମ ଜେନା ଓ ଉତମ ଜେନା ଏବେ ମଧ ଫେରାର ଅଛନ୍ତି । ତେବେ ବାଲିଆପାଳ ଥାନା ଅଧିକାରୀ ସାଲଖାନ ମୁର୍ମୁ ଆକ୍ରମଣର ଶିକାର ହୋଇଥିଲେ ମଧ ମାନବିକତାର ପରିଚୟ ଦେଇଛନ୍ତି । ଅଭିଯୁକ୍ତ ପଦ୍ମପ୍ରଭା ମହାନ୍ତିଙ୍କର ଛୋଟ ପିଲା ଯିଏକି ତା ମା ପାଖରୁ କ୍ଷୀର ପିଉଥିବା ଯୋଗୁଁ ତାଙ୍କୁ କୋର୍ଟ ଚାଲାଣ କରାଯିବ ନାହିଁ ବୋଲି କହିଛନ୍ତି ।

# ଗାନ୍ଧୀ ଗୋବିନ୍ଦଚନ୍ଦ୍ର ପଣ୍ଡାଙ୍କ ୧୧୫ତମ ଜୟନ୍ତୀ ପାଳିତ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ଅଂଚଳରେ ଖଇରା ଗାନ୍ଧୀ ଭାବେ ଜଣାଶୁଣା ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ୧୧୫ତମ ଜନ୍ମ ଜୟନ୍ତୀ ବୁଧବାର ଦିନ ଖଇରା ଠାରେ ପାଳିତ ହୋଇ ଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଜଳଧର ମିଶ୍ରଙ୍କ ସବାପତିତ୍ୱରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ସାହିତ୍ୟକ ହରିହର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋବିନ୍ଦ ପଣ୍ଡା ଜଣେ ସମାଜ ସଂସ୍କାରକ ଥିଲେ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବେ ଚିନ୍ତାମଣି ସାହାଣୀ, ନାରାୟଣ ପେଡା, ସୁଦର୍ଶନ ପାଣିଗ୍ରାହୀ, ସଙ୍କୀର୍ତନ ପଣ୍ଡା, ନିରଞ୍ଜନ ବାରିକ, ପଦ୍ମନାଭ ଶଅନିବିଗ୍ରହ, ରାମଚନ୍ଦ୍ର ଦାସ, ନିତ୍ୟାନନ୍ଦ ନାୟକ, ଦିଗମ୍ବର ଦାଶ ସଭାରେ ଯୋଗଦେଇ ଗାନ୍ଧୀଙ୍କ ବିଚାରଧାରାକୁ ଆଦର୍ଶ ଭାବେ ଗ୍ରହଣ କରିଥିବା ଶ୍ରୀ ପଣ୍ଡାଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ ।

**AFFIDAVIT**

By virtue of an affidavit sworn before Tahasildar-Cum-Executive Magistrate, Betnoti, Mayurbhaj, Odisha dated 24.06.2026 I, Sukuru Sing, W/o-Hari Sing, At- Guabania, Po- Bamada, Ps-Baisinga, Dist- Mayurbhanj, Pin-757028 declare that I have changed my minor son's name from Piji S to Biju Sing. Henceforth, he shall be known as Biju Sing for all purposes.

Sd/-
Sukuru Sing

No. 32001/458/2627

ଜଳ ସମ୍ପଦ ବିଭାଗ
ଉପ-ନିର୍ଦ୍ଦେଶକ ଭୂତତ୍ତ୍ୱଙ୍କ କାର୍ଯ୍ୟାଳୟ
ଭୂତଳ ଜଳ ଉନ୍ନୟନ ଖଣ୍ଡ, ବାରିପଦା
ସ୍ଥାନ/ପୋ-ତକତପୁର, ବାରିପଦା, ମୟୂରଭଞ୍ଜ ଓଡ଼ିଶା-୭୫୭୦୦୩

DEPARTMENT OF WATER RESOURCES
OFFICE OF THE DEPUTY DIRECTOR GEOLOGY
GWD DIVISION BARIPADA
AT/PO- TAKATPUR, BARIPADA, MAYURBHANJ-757003

Email-srgeologistbaripada@gmail.com

E-Procurement Notice No. 1023 /GWD  Date: 25/06/2026

The Deputy Director Geology, Ground Water Development Division, Baripada on behalf of the Governor of Odisha invites online PERCENTAGED BASED IN SINGLE COVER system through e-procurement for the work mentioned below.

| SL NO | BID ID NO | WORK DETAILS | BLOCK | DISTRICT |
|---|---|---|---|---|
| 1 | 12/GWDBPD/CHHATA/2026-27 | 2 NOS OF RRHS IN GOVT BUILDING | BALIAPAL | BALASORE |
| 2 | 13/GWDBPD/CHHATA/2026-27 | 3 NOS OF RRHS IN GOVT BUILDING | JALESWAR | BALASORE |
| 3 | 14/GWDBPD/CHHATA/2026-27 | 2 NOS OF RRHS IN GOVT BUILDING | NILGIRI | BALASORE |
| 4 | 15/GWDBPD/CHHATA/2026-27 | 3 NOS OF RRHS IN GOVT BUILDING | NILGIRI | BALASORE |
| 5 | 16/GWDBPD/CHHATA/2026-27 | 4 NOS OF RRHS IN GOVT BUILDING | UDALA | MAYURBHANJ |

| | |
|---|---|
| TOTAL NO OF PACKAGES | 05 no's of individual Packages |
| Start date of of Availability of Bid Document online (Bid Download) | 01/07/2026 From 11:00 Hrs |
| Last date of of Availability of Bid Document online (Bid Download) | 08/07/2026 upto 05:00 Hrs |
| Last date and time for receipt of Bid Document (Bid Submission End Date and Time) | 08/07/2026 upto 05:00 Hrs |
| Date and Time of Opening of Bid Document (Bid Opening Date) | 09/07/2026 at 11:00 Hrs |

Further details can be seen from the e-procurement portal of Government of Odisha at www.tendersodisha.gov.in.

OIPR.32001/32467/1/26-27/0001

Sd/-
Deputy Director Geology
GWD Division Baripada

# ଦିଲ୍ଲୀ ହାଉଜ ଖାସ ମନ୍ଦିରରେ ରଥଯାତ୍ରା ପାଇଁ ପ୍ରସ୍ତୁତି





ନୂଆଦିଲ୍ଲୀ(କିଶୋର ଦ୍ୱିବେଦୀଙ୍କ ଠାରୁ): ନୂଆଦିଲ୍ଲୀର ହାଉଜଖାସ ସ୍ଥିତ ଜଗନ୍ନାଥ ମନ୍ଦିରରେ ଆସନ୍ତା ୪୮ତମ ରଥଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ପର୍ବ ଏବେ ବ୍ୟାପକ ଭାବେ ଚାଲିଥିବା ଲକ୍ଷ୍ୟ କରାଯାଉଛି । ରଥଯାତ୍ରା ଅବସରରେ ଜାତୀୟ ରାଜଧାନୀର ଏହି ପ୍ରମୁଖ ଧାର୍ମିକ ପୀଠସ୍ଥଳୀରେ ପ୍ରାୟ ଦେଢ଼ ଲକ୍ଷ ଭକ୍ତଙ୍କର ସମାଗମ ଘଟିବ ବୋଲି ଆକଳନ କରାଯାଉଛି । ମନ୍ଦିର ପରିଚାଳନା କମିଟି 'ଶ୍ରୀ ନୀଳାଚଳ ସେବା ସଂଘ' ଦ୍ୱାରା ଆୟୋଜନ କରାଯାଉଥିବା ଏହି ବାର୍ଷିକ ଧାର୍ମିକ, ଆଧାତ୍ମିକ, ସାମାଜିକ ଓ ସାଂସ୍କୃତିକ ମହାକୁମ୍ଭରେ ରାଜଧାନୀ ନୂଆଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ରର ବହୁ ମାନ୍ୟଗଣ୍ୟ ଓଡ଼ିଆ ଏବଂ ଅଣ ଓଡ଼ିଆ ଶ୍ରଦ୍ଧାଳୁ ଯୋଗଦେବେ ବୋଲି ଜଣାଯାଇଛି । ସମସ୍ତ ଆୟୋଜନକୁ ଶାନ୍ତି, ଶୃଙ୍ଖଳା ଏବଂ ସକ୍ଷମତାର ସହିତ ସମ୍ପନ୍ନ କରାଯିବା ପାଇଁ ଶ୍ରୀ ନୀଳାଚଳ ସେବା ସଂଘର ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ ବ୍ୟକ୍ତିଗତ ଭାବେ ଅନୁଧ୍ୟାନ କରୁଥିବା ଦେଖାଯାଉଛି । ଏହି ପବିତ୍ର ପ୍ଲାବନ ପାର୍ବଣ ଉପଲକ୍ଷେ ସମଗ୍ର ମନ୍ଦିରକୁ ଆକର୍ଷକ ରଙ୍ଗରେ ସଜ୍ଜିତ ଓ ନବୀକରଣ କରାଯାଇ ନୂଆ ସ୍ୱରୂପ ପ୍ରଦାନ କରାଯାଉଛି । ଚଳିତ ମାସ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ଠାରୁ ଉତ୍ସବ ପ୍ରକ୍ରିୟାର ଶୁଭାରମ୍ଭ ଘଟିବାକୁ ଯାଉଛି । ଜୁଲାଇ ମାସ ୧୪ ତାରିଖରେ ନେତ୍ରୋତ୍ସବ ଏବଂ ନବଯୌବନ ଦର୍ଶନ ତଥା ୧୬ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ୨୪ ତାରିଖରେ ବାହୁଡ଼ା ଯାତ୍ରା, ୨୫ ତାରିଖରେ ସୁନାବେଶ ଏବଂ ୨୭ ତାରିଖରେ ନୀଳାଦ୍ରି ବିଜେ ଆଦି ଦିଅଁ ମାନଙ୍କର ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ବିଧି ମୁତାବକ ସମାପନ କରାଯିବ ବୋଲି ଶ୍ରୀ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି । ୧୮ ଫୁଟ ଉଚ୍ଚତା ଏବଂ ୧୦ ଚକା ବିଶିଷ୍ଟ ରଥର ନିର୍ମାଣ ରଥଖଳାରେ ଏବେ ଜୋରସୋରରେ ଚାଲିଥିବା ସେ ଜଣାଇଛନ୍ତି । ସମଗ୍ର ରଥଯାତ୍ରା ଉତ୍ସବକୁ ସୁରୁଖୁରୁରେ ଆୟୋଜନ କରାଯିବା ପାଇଁ ମନ୍ଦିର ତରଫରୁ ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ପ୍ରାୟ ୭୦୦ ଜଣ ସ୍ୱେଚ୍ଛାସେବକ ଦାୟିତ୍ୱ ନିର୍ବାହ କରିବେ ବୋଲି ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି । ରଥଯାତ୍ରାର ଟିକିନିଖି ଜୀବନ୍ତ ଧାରା ବିବରଣୀ ଭଗିରଥ ଝା ଓ ଲକ୍ଷ୍ମୀ ନାରାୟଣ ବେବର୍ତ୍ତା ପ୍ରଦାନ କରିବେ । ଚଳିତ ବର୍ଷର ରଥଯାତ୍ରାରେ ଦିଲ୍ଲୀର ଉପ-ରାଜ୍ୟପାଳ ତରଣଜୀତ ସିଂହ ସାନ୍ଧୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଛେରାପହଁରା କାର୍ଯ୍ୟ ତୁଲାଇବେ । ରଥଯାତ୍ରାରୁ ବାହୁଡ଼ା ଯାତ୍ରା ଏବଂ ସୁନା ବେଶ ପର୍ଯ୍ୟନ୍ତ ଦୀର୍ଘ ୯ ଦିନ ଧରି ମନ୍ଦିର ପରିସରରେ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହେବ । ଏହି ମହୋତ୍ସବରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ପ୍ରତିଷ୍ଠିତ କଳାକାରମାନେ ସେମାନଙ୍କର ସୃଜନଶୀଳ ପ୍ରତିଭା ଓ ପାରଦର୍ଶିତାର ଯାଦୁଗରୀ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ।ଏହି ଅବସରରେ ନିଜର ଅନନ୍ୟ କଳା ଚାତୁର୍ଯ୍ୟ ପ୍ରଦର୍ଶନ କରିବାକୁ ଯାଉଥିବା ସୁନାମଧନ୍ୟ କଳାକାରମାନଙ୍କ ମଧ୍ୟରେ ବଲିଉଡର ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦ, ଗାୟିକା ସୁସ୍ମିତା ଦାସ ଏବଂ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ପ୍ରମୁଖ ଅନ୍ତର୍ଭୁକ୍ତ ଅଛନ୍ତି । ସାଂସ୍କୃତିକ ସମାରୋହରେ ସୁଦକ୍ଷ ଉପସ୍ଥାପିକା ସ୍ୱର୍ଣ୍ଣପ୍ରଭା ପତି ମଂଚ ପରିଚାଳନା କରିବେ ।

# ଦୁଇ ଅଧିକାରୀଙ୍କ ବଦଳି ଅବମାନନା ଯୋଗୁଁ ଉନ୍ନୟନ କାର୍ଯ୍ୟ ବାଧା ପ୍ରାପ୍ତ

ଉଦଳା(ନିପ୍ର): ଓଡ଼ିଶା ସରକାରୀ ସ୍ତରରେ ବଦଳି ଆଦେଶକୁ ଅବମାନନା କରୁଥିବା ଯୋଗୁଁ କପ୍ତିପଦା ବ୍ଲକରେ ସାଧାରଣ ଜନତା ବହୁ ଅସୁବିଧା ଭୋଗୁଥିବାର ଦେଖିବାକୁ ମିଳିଛି ଯାହାକୁ ନେଇ ବ୍ଲକର କିଛି ବୁଦ୍ଧିଜୀବି ଓ ସାଧାରଣ ଜନତା ଆଜି ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ଅଛନ୍ତି । ଘଟଣାରୁ ଜଣାପଡିଛି ଯେ, କପ୍ତିପଦା ବ୍ଲକର ବିଡ଼ିଓ ରେଶମା ଟାଟେଙ୍କ ବଦଳି ସହିତ ସହକାରୀ ଯନ୍ତ୍ରୀ ସଦାଶିବ ବେହେରାଙ୍କ ବଦଳି ଆଦେଶ ହୋଇ ଅଛି । ଏହି ଦୁଇ ଅଧିକାରୀ ତାଙ୍କର ବଦଳି ଆଦେଶକୁ ଅବମାନନା କରିଥିବାର ଦେଖିବାକୁ ମିଳିଛି । ବର୍ତ୍ତମାନ କପ୍ତିପଦା ବ୍ଲକକୁ ବିଡିଓ ରୁପେ ଶ୍ରୀମତି ସଲମା ସୋରେନ ୨୭/୫ରେ ବିଡିଓ ରୁପେ ଯୋଗଦାନ କରିବାର ସରକାରଙ୍କ ଆଦେଶ ଓ ସହକାରୀ ଯନ୍ତ୍ରୀ ରଣଜିତ କୁମାର ହାଁସଦାଙ୍କୁ ୮/୬ ତାରିଖରେ ସରକାରଙ୍କ ଚିଠି ଅନୁସାରେ ଯୋଗଦାନ ପାଇଁ ଆଦେଶ ଆସିଅଛି । ଏପର୍ଯ୍ୟନ୍ତ ଏହି ନୂତନ ଅଧିକାରୀମାନେ କାର୍ଯ୍ୟରେ ଯୋଗ ଦେଇ ପାରୁ ନଥିବାରୁ ବହୁତ ଗୁରୁତ୍ୱପୂର୍ଣ୍ଣ ବିଭାଗ ଅଚଳ ହୋଇ ପଡ଼ିଅଛି । ଏହି ସମସ୍ୟାକୁ ନେଇ କପ୍ତିପଦା ଅଂଚଳ ବାସୀ ଆଜି ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କୁ ପୂର୍ବତନ ବିଡ଼ିଓ ଓ ସହକାରୀ ଯନ୍ତ୍ରୀ ବଦଳି ତୁରନ୍ତ କାର୍ଯ୍ୟକାରୀ କରିବା ସହିତ ନୂତନ ବିଡ଼ିଓ ଓ ସହକାରୀ ଯନ୍ତ୍ରୀଙ୍କୁ ତାଙ୍କର କାର୍ଯ୍ୟରେ ଯୋଗ ଦେବା ପାଇଁ ଦାବି ରଖାଯାଇଛି । ଏହି ସମସ୍ୟାକୁ ମୟୁରଭଞ୍ଜ ଜିଲ୍ଲାପାଳ ନିକଟରେ ଚଳିତ ମାସ ୨୨ ତାରିଖରେ ଦିଆହୋଇଛି ତଥାପି ତୁରନ୍ତ ଦୁଇ ନୂତନ ଅଧିକାରୀମାନଙ୍କୁ ଯୋଗ ଦେବାର ସୁଯୋଗ ଦିଆ ଯାଇ ନାହିଁ ତେଣୁ ଜନ ଅସନ୍ତୋଷ ବୃଦ୍ଧି ପାଉ ଅଛି । ଏହାକୁ ନେଇ କପ୍ତିପଦା ବ୍ଲକର ନାଗରିକ ଓ ଜନସାଧାରଣଙ୍କ ତରଫରୁ ଏହି ଅଭିଯୋଗ ଦାବି କରାଯାଇ ଅଛି । ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଉଦଳା ବିଜେଡ଼ି ଦଳର ବରିଷ୍ଠ ତଥା ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ସହିତ କପ୍ତିପଦାର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଆଜି ପୁନଃ ଅଭିଯୋଗକୁ ଦୋହରାଇ ଥିବାର ଜଣା ପଡିଛି । ଏହା ତୁରନ୍ତ କାର୍ଯ୍ୟକାରୀ ନହେଲେ ଗଣ ବିକ୍ଷୋଭ ଓ ଆନ୍ଦୋଳନ ଜୋରଦାର ହେବ ବୋଲି ଜଣା ପଡ଼ିଛି ।





ଅନ୍ୟକୁ କଟୁକଥା କହିଲେ ଆମ ମାନଙ୍କୁ କ'ଣ ମିଳେ ତାହା ଆମେ ନିଜକୁ ନିଜେ ପ୍ରଶ୍ନ ପଚାରିବା ଉଚିତ । ଦେଖିବେ କିଛି ଦିନ ମଧ୍ୟରେ ଆମେ ସମସ୍ତେ କିଛିଟା ସୁଗୁଣର ଅଧିକାରୀ ହୋଇ ପାରିବା ।

# ଆଜିକାଲି



ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଳେନ ଚ ।
ଯଥୋଲ୍ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ॥
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଅଗ୍ନି ଯେପରି ଧୂଆଁରେ ଆବୃତ ହୋଇଥାଏ । ଦର୍ପଣ ଯେପରି ଧୂଳିଦ୍ୱାରା ଆବୃତ ହୋଇଥାଏ ତଥା ଗର୍ଭ ଯେପରି ଜରାୟୁ ଦ୍ୱାରା ଆବୃତ ହୋଇ ରହିଥାଏ, ଏହି ଜ୍ଞାନ ସେହିପରି କାମ ଦ୍ୱାରା ଆବୃତ ହୋଇ ରହିଥାଏ

## ଏଲ୍‌ନିନୋ ମୁକାବିଲାର ପ୍ରସ୍ତୁତି

ଭାରତୀୟ ପାଣିପାଗ ବିଭାଗ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୀର୍ଘକାଳୀନ ହାରାହାରିର ୯୨% ରହିବ ବୋଲି ପୂର୍ବାନୁମାନ କରିଥିବାରୁ, ଦେବଗଡ଼, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ରାୟଗଡ଼ା, ମାଲକାନଗିରି ଏବଂ ନବରଙ୍ଗପୁର ଆଦି ୮ଟି ଜିଲ୍ଲା ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି । ରାଜ୍ୟ ପ୍ରଶାସନ ପକ୍ଷରୁ ବିଳମ୍ବରେ ରୁଆ, ଆର୍ଦ୍ରତାର ଅଭାବ, ଜଳଭଣ୍ଡାରରେ ଜଳସ୍ତର ହ୍ରାସ ଏବଂ ରୋଗପୋକ ସଂକ୍ରମଣ ଭଳି ସମ୍ଭାବ୍ୟ ବିପଦକୁ ମୁକାବିଲା କରିବା ପାଇଁ ସଜାଗ ରହିଛି । କୃଷି ଉତ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ୫୭.୮୮ ଲକ୍ଷ ହେକ୍ଟର ଜମିରେ ଚାଷ ପାଇଁ ଚୂଡ଼ାନ୍ତ କରିଛି । ଏଥିପାଇଁ ସବସିଡ଼ି ଦରରେ ପ୍ରାମାଣିକ ବିହନ ବଂଟନ ଏବଂ ସଙ୍କଟ ସମୟରେ ବ୍ୟବହାର ପାଇଁ ୧୪,୩୫୦ କ୍ୱିଂଟାଲ (୭,୫୦୦ କ୍ୱିଂଟାଲ ଧାନ ଏବଂ ୬,୮୫୦ କ୍ୱିଂଟାଲ ଅଣ-ଧାନ ବିହନ)ର ଏକ ବିହନ ଭଣ୍ଡାର ପ୍ରତିଷ୍ଠା କରାଯାଇଛି । ଏହାଛଡ଼ା, ଚାଷୀମାନଙ୍କୁ ସାର ଯୋଗାଇବା ପାଇଁ ୧୧.୪୨ ଲକ୍ଷ ମେଟ୍ରିକ ଟନ୍ ଚାହିଦା ବିପକ୍ଷରେ ୬.୪୦ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ କରାଯାଇଛି । କୃଷି କ୍ଷେତ୍ରରେ ସ୍ଥିରତା ଏବଂ ଚାଷୀଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ସରକାର ପ୍ରଯୁକ୍ତିବିଦ୍ୟା ଓ ସାମୁଦାୟିକ ସହଭାଗିତାକୁ ବ୍ୟବହାର କରୁଛନ୍ତି । 'କୃଷି ସମୃଦ୍ଧି ହେଲ୍‌ପଲାଇନ୍'ର ଆଇଭିଆରଏସ୍ ବ୍ୟବସ୍ଥା ମାଧ୍ୟମରେ ଚାଷୀଙ୍କୁ ସମୟାନୁସାରେ ପାଣିପାଗ ସମ୍ବନ୍ଧୀୟ ପରାମର୍ଶ ଦିଆଯାଉଛି । ଏଥିସହିତ, ରାସାୟନିକ ସାର ଉପରେ ନିର୍ଭରଶୀଳତା କମାଇବା ଏବଂ ସ୍ଥାୟୀ ଚାଷ ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ଜିଲ୍ଲା ଓ ବ୍ଲକରେ 'ଖେତ ବଂଚାଅ ଅଭିଯାନ' ଏବଂ ପ୍ରାକୃତିକ ଚାଷ ଉପରେ କର୍ମଶାଳା ଆୟୋଜନ କରାଯାଉଛି । ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ କହିଛନ୍ତି ଯେ, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଓଡ଼ିଶା କୃଷକମାନଙ୍କ ସ୍ୱାର୍ଥ ରକ୍ଷା ଓ ଆର୍ଥିକ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ କୃଷି ବିଜ୍ଞାନ କେନ୍ଦ୍ରର ଟିମ୍ ଗୁଡ଼ିକ ରୋଗପୋକ ନିୟନ୍ତ୍ରଣ ଓ ତଦାରଖ ପାଇଁ ସଜାଗ ରହିଛନ୍ତି । ସେହିପରି 'ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା'ରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ କରିବା ପାଇଁ ପ୍ରୟାସ ଜାରି ରହିଛି । ଏହି ସମନ୍ୱିତ ପ୍ରୟାସ ମାଧ୍ୟମରେ ଏଲ୍ ନିନୋର ପ୍ରଭାବରୁ ଚାଷୀଙ୍କୁ ରକ୍ଷା କରିବା ଏବଂ ରାଜ୍ୟରେ ନିରନ୍ତର କୃଷି ବିକାଶ ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଅଭିହିତ କରିଛନ୍ତି ।ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଫସଲ ଆପଦକାଳୀନ ମୁକାବିଲା ପାଇଁ ଯୋଜନପୂର୍ବରୁ ପ୍ରସ୍ତୁତ ରହିଛି । ବ୍ଲକ ସ୍ତରରେ ମଧ୍ୟ ଏହିପରି ଯୋଜନା ପ୍ରସ୍ତୁତ କରିବା ପାଇଁ ଜିଲ୍ଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ।

## ନିଶାର ଅପବ୍ୟବହାର ଓ ତା'ର ବ୍ୟବସ୍ଥାର ସଚେତନତା ଦିବସ

# ନିଷିଦ୍ଧ ନିଶାଦ୍ରବ୍ୟର ବ୍ୟବସାୟ ଓ ଅପବ୍ୟବହାର

◆ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର





ମାନବ ସଭ୍ୟତା ଆରମ୍ଭରୁ ସମାଜ ବହୁ ପ୍ରକାର ନିଶା ଦ୍ରବ୍ୟକୁ ଆଦରି ଆସିଛି । ଏହି ନିଶା ଦ୍ରବ୍ୟ ଲୋକମାନଙ୍କର ଚିନ୍ତା, ଭାବନା, ଆବେଗ, ଭୋକ, ନିଦ୍ରା, ଯୌନ, ଇଚ୍ଛା, ବ୍ୟଥା ଉପଶମ ଓ ବ୍ୟବହାରରେ ନିୟନ୍ତ୍ରଣ ଆଣିବା ପାଇଁ ବ୍ୟବହାର କରାଯାଇଥାଏ, କିନ୍ତୁ ଦିନକୁ ଦିନ ନିଶା ବ୍ୟବହାର କରୁଥିବା ଲୋକମାନଙ୍କର ବର୍ଦ୍ଧିତ ଓ କ୍ରମବର୍ଦ୍ଧିଷ୍ଣୁ ମାତ୍ରା ସମାଜ ପାଇଁ ଏକ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଏହାର ନିରାକରଣ ପାଇଁ ଜରୁରୀକାଳୀନ ପଦକ୍ଷେପ ନିଆ ନଗଲେ ସମାଜ ଧ୍ୱଂସାଭିମୁଖୀ ହେବ, ଏହା ନିଃସନ୍ଦେହ । ଏଥିପାଇଁ ଆଜିର ଦିନ (ଜୁନ ୨୬ ତାରିଖ)କୁ ସଂଯୁକ୍ତ ଜାତିସଂଘ ନିଷିଦ୍ଧ ନିଶାର ଅପବ୍ୟବହାର ଓ ତାର ବ୍ୟବସ୍ଥାର ସଚେତନତା ଦିବସ ରୂପେ ପାଳନ କରୁଅଛି । ଏହି ବ୍ୟବସାୟ ଅତ୍ୟନ୍ତ ଲାଭଦାୟକ ହୋଇ ଥିବାରୁ ଏହା ବିଭିନ୍ନ ଅସାମାଜିକ ବ୍ୟକ୍ତି, ଅନୁଷ୍ଠାନକୁ ଆକୃଷ୍ଟ କରିଛି ଯାହାକି ବିଶ୍ୱବାସୀଙ୍କ ଚିନ୍ତାର ବିଷୟ ପାଲଟି ଗଲାଣି । ସାଧାରଣତଃ ପ୍ରଚଳିତ ନିଶାଦ୍ରବ୍ୟ ଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇଛି । ଯଥା - (୧) ଆଇନ ସମ୍ମତ - ଦେଶର ଆଇନ ବ୍ୟବସ୍ଥା ଯେଉଁ ନିଶାର ବ୍ୟବହାର ଓ ଉତ୍ପାଦନ ଆଦିକୁ ଅନୁମଦତି ଦେଇଥାଏ, ଯେମିତିକି ଭାରତରେ ମଦ, ପାନ, ବିଡ଼ି, ସିଗାରେଟ, ଗୁଟଖା, ଭାଙ୍ଗ ଇତ୍ୟାଦି । (୨) ଆଇନ ଅସମ୍ମତ - ଯେମିତିକି ହିରୋଇନ, ଗଞ୍ଜେଇ, ଅଫିମ, ଆମଫିଟାମିନ, ବ୍ରାଉନସୁଗାର, ଚରସ ଓ ହାସିସ୍ ଇତ୍ୟାଦି । ମୁଖ୍ୟତଃ ବିଶ୍ୱର ୭୫% ଅଫିମ ଆଫଗାନିସ୍ଥାନରୁ ଓ କୋକେନ୍ ହଣ୍ଡୁରାସରୁ ଉତ୍ପାଦନ ହୁଏ । ଏହି ନିଶା କାରବାର ଉପରୋକ୍ତ ଦୁଇ ଦେଶରୁ ଆରମ୍ଭ ହୋଇ ପୃଥିବୀର ବିଭିନ୍ନ ଦେଶକୁ ବ୍ୟାପିଛି, ଯଥା ଆରବ ଦେଶ, ଋଷିଆ, ୟୁରୋପ, ଆମେରିକା, ଭାରତ ଓ ଅନ୍ୟ ଛୋଟବଡ଼ ଦେଶ । ଏକ ରିପୋର୍ଟରୁ ଜଣାଯାଇଛି ଯେ ଯେଉଁ ପଥ ଦେଇ ଏହି ନିଶା ଦ୍ରବ୍ୟର ପରିବହନ ହୋଇଥାଏ ସେହି ଅଂଚଳରେ ଅସାମାଜିକ କାର୍ଯ୍ୟକଳାପ (ଧର୍ଷଣ, ହତ୍ୟା, ଡକାୟତି ଆଦି) ଅଧିକ ହୋଇଥାଏ । ଏହାର ବ୍ୟବସାୟ ବହୁପ୍ରକାର ଅସାମାଜିକ ବ୍ୟକ୍ତି ଓ ଅନୁଷ୍ଠାନକୁ ଆକୃଷ୍ଟ କରିଥାଏ । କାରଣ ଅନ୍ୟ ଯେକୌଣସି ବ୍ୟବସାୟ ତୁଳନାରେ ଏହା ଅଧିକ ଲାଭଜନକ । ଅଲକାଇଦା, ଆଇଏସଆଇଏସ ଭଳି ଆନ୍ତର୍ଜାତିକ ଆତଙ୍କବାଦୀ ସଙ୍ଗଠନମାନଙ୍କର ଏହା ମୁଖ୍ୟ ଆୟର ମାର୍ଗ । ଏକ ରୋମା□କର ବିଷୟ ଏହି ନିଶା ବ୍ୟବସାୟ ସମଗ୍ର ବିଶ୍ୱବାଣିଜ୍ୟର ୧% ଅର୍ଥ ।

**ନିଶାଦ୍ରବ୍ୟ ନିର୍ଭରଶୀଳତାଜନିତ ଅସୁବିଧା :** ନିୟମିତ ନିଶା ସେବନ ଦ୍ୱାରା ମଣିଷର ସ୍ୱାସ୍ଥ୍ୟ, ଚାଲିଚଳନ, ପାରିବାରିକ, ସାମାଜିକ ସମ୍ପର୍କ କାର୍ଯ୍ୟଦକ୍ଷତା, ଅର୍ଥାଭାବ ଓ ଥଇଥାନ ସମସ୍ୟା ଇତ୍ୟାଦି ଦେଖାଯାଏ ।

**ମୁଖ୍ୟ ଶାରୀରିକ ସମସ୍ୟା :** ଯେପରିକି ଜଣ୍ଡିସ ବା କାମଳରୋଗ, ପେପ୍ଟିକ ଅଲସର, ନିଉରାଇଟିସ୍ ପାରାଲିସିସ୍, ହୃଦ୍‌ଘାତ, ଯକୃତ ଜନିତ ରୋଗ, ଅପସ୍ମାର ବାତ ଇତ୍ୟାଦି ।

**ମୁଖ୍ୟ ମାନସିକ ସମସ୍ୟା :** ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗପୂର୍ଣ୍ଣ ମାନସିକ ରୋଗ ହିସାବରେ ଉଭା ହୋଇ ଥାଏ । ଯେପରିକି ଡିପ୍ରେସନ, ସିଜୋଫ୍ରେନିଆ, ସାଇକୋସିସ୍ ଇତ୍ୟାଦି । ନିୟମିତ ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଅନେକ ମାନସିକ ରୋଗର ସମ୍ମୁଖୀନ ହୋଇଥାନ୍ତି । ଯେପରିକି ନିଦ୍ରାହୀନତା, ଆବେଗଜନିତ ସମସ୍ୟା, ସ୍ମରଣଶକ୍ତି କମିଯିବା, ସନ୍ଦେହ କରିବା ଦ୍ୱାରା ବିବାହ ବିଚ୍ଛେଦ ହେବା, ଆତ୍ମହତ୍ୟା ପ୍ରବଣତା ବଢ଼ିଯିବା, ଶୂନ୍ୟରୁ କଥା ଶୁଣିବା, ଅବାନ୍ତର କଥା ହେବା, ନିଶା ନଖାଇଲେ ନିଦ ନହେବା ଏବଂ ନିଶା ଛାଡ଼ିବାର ଇଚ୍ଛା ସତ୍ତ୍ୱେ ଛାଡ଼ି ନପାରିବା ।

**ଭାରତରେ ନିଶା ଦ୍ରବ୍ୟର ବ୍ୟବହାର :** ଭାରତରେ ନିଶା ଦ୍ରବ୍ୟର ବ୍ୟବହାର ବହୁଳଭାବେ ପଞ୍ଜାବରେ ଦେଖାଯାଏ ଏବଂ ଭାରତ ବର୍ଷରେ ପଞ୍ଜାବ ନିଶା ଜର୍ଜରିତ ରାଜ୍ୟ ଭାବେ ପରିଚିତ । ଏହା ସୂଚନାଯୋଗ୍ୟ ବର୍ତ୍ତମାନ ରିଲିଜ ହୋଇଥିବା ହିନ୍ଦୀ ସିନେମା ଉଡତା ପଞ୍ଜାବ ଏହି ନିଶା କାରବାର ଓ ବ୍ୟବହାରକୁ ବିଷୟକୁ ନେଇ ଆଧାରିତ । ଏହି ରାଜ୍ୟ ଅନ୍ତର୍ଭୁକ୍ତ ସୀମା ପାର୍ଶ୍ୱବର୍ତ୍ତୀ ଗ୍ରାମା□ଳମାନଙ୍କରେ ନିଶା କାରବାର ଏକ କୌଳିକ ବୃତି ଭାବରେ ଆଦିର ନେଲେଣି । ଯେଉଁ ବ୍ରାଉନ ସୁଗାରର ଦର ସୀମାପାର୍ଶ୍ୱରେ ୧ଲକ୍ଷ ସେହି ଦ୍ରବ୍ୟ ଦିଲ୍ଲୀରେ ୧କୋଟି ଟଙ୍କା ହୋଇଯାଏ । ଏହି ରାଜ୍ୟର ୭୫%ରୁ ଅଧିକ ଯୁବକ/ଯୁବତୀ ନିଶାଗ୍ରସ୍ତ ଅଟନ୍ତି । ଆମ ଓଡ଼ିଶାରେ ମଧ୍ୟ ଏହି ନିଶା ଦ୍ରବ୍ୟର ବ୍ୟବହାର କମ୍ ନୁହେଁ । ସାଧାରଣତଃ ଓଡ଼ିଶାର ଦକ୍ଷିଣ ଭାଗ ଯଥା ମାଓବାଦୀ ପ୍ରବଣ ଜିଲ୍ଲାମାନଙ୍କରେ ନିଶାଦ୍ରବ୍ୟର ଉତ୍ପାଦନ ଅଧିକ ହୋଇଥାଏ । ନିଶାମୁକ୍ତ ସମାଜ ଗଠନ କରିବା ଯଦିଓ ଅସମ୍ଭବ, କିନ୍ତୁ ସଚେତନତା ଓ ସରକାରଙ୍କ ଉଚିତ ପଦକ୍ଷେପ ଦ୍ୱାରା ଏହାର ବ୍ୟବହାର ଓ ଉତ୍ପାଦନକୁ କିଛି ମାତ୍ରାରେ ନିୟନ୍ତ୍ରଣ କରି ହେବ । ନିଶାଗ୍ରସ୍ତ ରୋଗୀଙ୍କ ଚିକିତ୍ସା ବନ୍ଦୋବସ୍ତ କରିବା ସରକାରୀ ଓ ବେସରକାରୀ ସ୍ତରରେ ନିତାନ୍ତ ଆବଶ୍ୟକ । ବର୍ତ୍ତମାନ ଆମ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ହେବାକୁ ଯାଉଥିବା ୮ଟି ନିଶା ନିବାରଣ କେନ୍ଦ୍ର ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ଆଧାର ହେବ । ଆଇନଜ୍ଞ, ଶିକ୍ଷାବିତ୍, ପୁଲିସ୍, ସମ୍ବାଦପତ୍ର, ସାମାଜିକ ସ୍ୱେଚ୍ଛାସେବୀମାନଙ୍କର ସଚେତନତା, ମନସ୍ତତ୍ତ୍ୱବିତ୍, ଯଥା ଡାକ୍ତର ଓ ମାନସିକ ରୋଗ ବିଶେଷଜ୍ଞ ଏବଂ ସମାଜଅଭିମୁଖୀ ଚେଷ୍ଟା ଦ୍ୱାରା ଏହି ସମସ୍ୟାକୁ ଆମେ ଏଡ଼େଇ ପାରିବା ।

*ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ: ୯୪୩୭୦୫୧୯୫୭*

# ସର୍ବଧର୍ମ ସମନ୍ୱୟର ପ୍ରଚାରକ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ

◆ ପ୍ରୀତିରଂଜନ ଦାସ



ପୂଣ୍ୟଭୂମି ଓଡିଶା ମାଟିରେ ବହୁ ସାଧୁ ସନ୍ଥ ଅବତରଣ କରି ମାନବ ସମାଜକୁ ଦିଗ୍‌ଦର୍ଶନ ଦେଇ ଚାଲିଯାଇଛନ୍ତି । ସମସ୍ତଙ୍କର ଗୋଟିଏ ଧର୍ମ, ସତ୍ୟ ଶାଶ୍ୱତ ସାମ୍ୟେପ୍ରମ, ସମସ୍ତଙ୍କର ଗୁରୁ ଗୋଟିଏ ଆତ୍ମା ଅଟାଇ ତାଙ୍କରି ନାମ । ଏହି ମହାନ୍ ଉକ୍ତିକୁ ଯେଉଁ ମହାପୁରୁଷ ପାଳନ କରିଛନ୍ତି ସେହେଉଛନ୍ତି ପ୍ରେମାଚାର୍ଯ୍ୟ ବାବା ମଧୁସୂଦନ । ଜଗତସିଂହପୁର ଜିଲ୍ଲା ଗାଁ ର ନାମ ସ୍ୱର୍ଗ ବ୍ରହ୍ମପୁରଠାରେ ପିତା ରାଜୀବ ଲୋଚନ ମାତା ରାଧାମଣିଙ୍କ ଔରସରୁ ଜାତ ହୋଇଥିଲେ ୧୯୧୯ ମସିହା ପବିତ୍ର ଚମ୍ପକ ଦ୍ୱାଦଶୀ ତିଥିରେ, ତାହାଙ୍କ ଅବତରଣ ପୂର୍ବରୁ ପ୍ରାୟ ୫୦୦ ବର୍ଷ ତଳେ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସ 'ଶିବ କଳ୍ପ ନବଖଣ୍ଡ ନିଘର୍ଣ୍ଟ' ଭବିଷ୍ୟତ ବାଣୀରେ ଲେଖିଥିଲେ । ବାବା ମଧୁସୂଦନ ରାଧା ପ୍ରେମ କୃଷ୍ଣ ଉପାସକ ଥିଲେ । ସବର୍ଦା ଗୋଡ ଛନ୍ଦ ଠିଆ ହେବା ଏବଂ ପାଟି ଫିଟିଲା ପେର ବାପା ମାଆ ଉଚ୍ଚାରଣ ପରିବର୍ତ୍ତେ ଅସ୍ପଷ୍ଟ ସ୍ୱରେର 'କୁଣ୍ଟ' (କୃଷ୍ଣ) ଉଚ୍ଚାରଣ କରୁଥିଲେ । ୧୯୪୦ ମସିହାରେ ସବର୍ଧମର୍କୁ ସମ୍ମାନ ଜଣାଇ ଗଢିତୋଳିଥିଲେ ସବର୍ଧର୍ମ ସମନ୍ୱୟ ପୀଠ ପ୍ରାଚୀ ଗୁରୁଧର୍ମ କ୍ଷେତ୍ର । ଯାହାକି ପୁରୀ ଜିଲ୍ଲା କାକଟପୁର, ମା' ମଙ୍ଗଳାଙ୍କ ମନ୍ଦିର ନିକଟବର୍ତ୍ତୀ ପ୍ରାଚୀ ନଦୀ ନିକଟସ୍ଥ ନୟାହାଟଠାରେ । ଏହାକୁ ବାଛି ନେଇ ଥିଲେ ସେ କମର୍କ୍ଷେତ୍ର । ପ୍ରେମାଚାର୍ଯ୍ୟ

**୧୦୪ତମ ଶୁଭ ଆବିର୍ଭାବ ଦିବସ**

ମଧୁସୂଦନ ସବର୍ଧମର୍କୁପ୍ରଚାର କରିବା ପାଇଁ ୧୯୪୨ ମସିହାରେ ପଶ୍ଚିମ ଓଡିଶା ବଲାଙ୍ଗୀର, ପଦ୍ମପୁର ଅଂଚଳେର ଦୀର୍ଘ ୧୫ ବର୍ଷ ଧରି ବିଭିନ୍ନ ଗ୍ରାମକୁ ଗ୍ରାମ, ଧର୍ମ ସଭା ତଥା ପଥ ପ୍ରାନ୍ତରେ ପୋଷ୍ଟର ଲଗାଇ ଜନସାଧାରଣଙ୍କ ଚେତନା ଜାଗ୍ରତ କରିଥିଲେ । ସେହି ମହାପୁରୁଷ ସବର୍ଦା ଶିଷ୍ୟ, ଶ୍ରଦ୍ଧାଳୁ, ଜନସାଧାରଣଙ୍କୁ ବୁଝାଉଥିଲେ ଯେ, ସବୁଧମର୍କୁ ସମ୍ମାନ ଦେବାକୁ ହେବ । ଗୋଟିଏ ଧମର୍ର ଲୋକେ ଅନ୍ୟ ଧର୍ମ ପ୍ରତି ଉଦାର ତଥା ସହନଶୀଳ ମନୋଭାବ ପୋଷଣ କରିବା, ଅନ୍ୟ ଧର୍ମରେ ହସ୍ତେକ୍ଷପ ନ କରିବା, କାହାରି ପ୍ରତି ହିଂସା ମନୋଭାବ ପୋଷଣ ନକରିବା, ଅନ୍ୟର ଉପକାର ସାଧନ ହିଁ ସବୁଧମର୍ର ସାରସତ୍ୱ ଅଟେ । ଜନସାଧାରଣଙ୍କ ଶିକ୍ଷଣୀୟ ପାଇଁ ଗଢିତୋଳିଛନ୍ତି ମହା ମାନବ ମନ୍ଦିର । ଯେଉଁଠି ଭାରତର ସବୁବଗର୍ର ସାଧୁ ସନ୍ଥ, ମହାପୁରୁଷଙ୍କ ଫଟୋଚିତ୍ର ପୂଜା ପାଉଛନ୍ତି । ଏପରିକି ଏହି କ୍ଷେତ୍ରେର ହିନ୍ଦୁ,ମୁସଲମାନଙ୍କ ସହିତ ସବୁ ବଗର୍ର ଭକ୍ତ ଶ୍ରଦ୍ଧାଳୁ ସମସ୍ତ ପୂଜାରେ ଦଶର୍ନ କରିବା ପାଇଁ ଆସିଥାନ୍ତି ଏବଂ ପ୍ରସାଦ ପାଇଥାନ୍ତି । ସମସ୍ତ କାର୍ଯ୍ୟ ଓ ଆଚରଣେର ସତ୍ୟ, ଅହିଂସା, କ୍ରୋଧ, ଇନ୍ଦ୍ରିୟ ସଂଯମ, ଦୟା, କ୍ଷମା, ଧୈର୍ଯ୍ୟ, ଜ୍ଞାନ, ନିଷ୍ପାପ ପ୍ରେମ, ସହନଶୀଳତା, ସେବା, ପରହିତ ପ୍ରଭୃତି ଦ୍ୱାଦଶ ସଦ୍‌ଗୁଣାବଳୀର ବିକାଶ ସାଧନ ହିଁ ପ୍ରକୃତ ଧର୍ମ ବା ସର୍ବଧର୍ମ ସମନ୍ୱୟ ସତ୍ୟ ଧର୍ମ ଅଟେ । ଆଜି ସେହି ମହାପୁରୁଷଙ୍କ ୧୦୪ତମ ଶୁଭ ଆବିର୍ଭାବ ଦିବସରେ ଶପଥ ନେବା, ସମସ୍ତଙ୍କର ଗୋଟିଏ ଧର୍ମ, ଗୋଟିଏ ଗୁରୁ ବୋଲି ଚିନ୍ତା କରି ଭେଦ ଜ୍ଞାନ ପରିତ୍ୟାଗ କରିବା, ବିଶ୍ୱର ମଙ୍ଗଳ ନିମିତ□ ୧୯୮୦ ମସିହାରୁ ଚାଲୁ ରହିଥିବା ଅଖଣ୍ଡ ନାମ ଓ ଯଜ୍ଞ 'ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାଦ୍ଦର୍ନରେ ନିଜକୁ ସାମିଲ କରିବା ଆଜି ଏହି ପବିତ୍ର ଚମ୍ପକ ଦ୍ୱାଦଶୀ ତିଥିରେ କାମନା ।

*ମୋ : ୯୪୩୭୨୭୪୮୮*

# ପାନ-ବିଡ଼ି ନୁହେଁ ଛୋଟିଆ ନିଶା.....

ଓଡ଼ିଶାରେ ଏକ ଲୋକ କଥାଟି ରହିଛି ତାହା ହେଉଛି ନ୍ତପାନ ବିଡ଼ି ନୁହଁ ଛୋଟିଆ ନିଶା ଜଣା ପଡ଼େନାହିଁ ଟାଣେ ପଇସା' । ଜୀବନ ଯାକର ଜଣଙ୍କର ତମାମ ଆୟ ଏହି ନିଶା ପଛରେ ହିଁ ଖର୍ଚ୍ଚ ହୋଇ ଯାଇଥାଏ । ନିଜର ସାମାଜିକ ପ୍ରତିପତି, ବୃତିଗତ ଜୀବନ, ପରିବାର ଓ କର୍ମକ୍ଷେତ୍ର ସବୁକିଛି ମଧ ଅନ୍ଧକାର ଭିତରକୁ ଠେଲି ହୋଇଯାଏ । ୧୯୮୪ରୁ ପ୍ରତି ବର୍ଷ ମାର୍ଚ୍ଚ ଦ୍ୱିତୀୟ ବୁଧବାର ଦିନ ବିଶ୍ୱସ୍ତରରେ ପାଳିତ ହେଉଛି ଧୂମପାନ ନିଷେଧ ଦିବସ । ଧୂମପାନର ଭୟାବହତା ସଂପର୍କରେ ସବୁ ସ୍ତରରେ ଜନସଚେତନତା ସୃଷ୍ଟି କରିବା, ଏହି ଦିବସ ପାଳନର ଲକ୍ଷ୍ୟ । ଏଠାରେ ଧୂମପାନ କହିଲେ ମୁଖ୍ୟତଃ ବିଡ଼ି, ସିଗାରେଟ ସେବନକୁ ବୁଝାଏ । ମଣିଷର ଧୂମପାନ ବଦଭ୍ୟାସ ବେଶ୍ ପୁରୁଣା । ଖ୍ରୀଷ୍ଟ ପୂର୍ବ ୫୦୦୦ ରେ ମଣିଷ ଧୂମପାନ କରୁଥିବାର ପ୍ରମାଣ ମିଳେ । ତେବେ ଏକଦା ଏହା ଧାର୍ମିକ ଉତ୍ସବ ଅନୁଷ୍ଠାନ ସହ ସଂପୃକ୍ତ ଥିଲା । ୟୁରୋପୀୟମାନେ ଆମେରିକା ଭୂଖଣ୍ଡରେ ପାଦ ଦେବା ପରେ ତଥା ଧୂଆଁପତ୍ରର ବ୍ୟାପକ ଉତ୍ପାଦନ ସହ ଏକା କ୍ରମଶଃ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇ ଥିଲା । ଧୂମପାନ ଏକାଧିକ ପ୍ରକାରର କର୍କଟ, ହୃଦ୍‌ରୋଗ, ନପୁଂସକତା, ଜନ୍ମ ଗତ ତ୍ରୁଟି ଆଦିର ମୁଖ୍ୟ କାରଣ । ସିଗାରେଟ୍‌ରେ ୪୮୦୦ ପ୍ରକାରର କ୍ଷତିକାରକ ରାସାୟନିକ ପଦାର୍ଥ ଥାଏ, ସେଥିରୁ ୬୯ଟି କର୍କଟ ସୃଷ୍ଟିକାରୀ । ବିଶ୍ୱବାସୀ ପ୍ରତି ଦିନ ୧୫୦୦ କୋଟି ସିଗାରେଟ ପିଉଥିବା ଜଣାଯାଏ । ଏହାର ଏକ ତୃତୀୟାଂଶ ଚାଇନିଜମାନେ ପିଇଥାନ୍ତି । ଆମ ଦେଶରେ ଧୂମପାନ ଯୋଗୁଁ ପ୍ରତି ୬ ସେକେଣ୍ଡରେ ଜଣଙ୍କର ଜୀବନ ଯାଉଛି । ନିଶା ସେବନ ଯେ ଶରୀର ପାଇଁ ଅତ୍ୟନ୍ତ ଭୟଙ୍କର ଓ କ୍ଷତିକାରକ ଏହା ସମସ୍ତେ ଜାଣନ୍ତି । ତଥାପି ଏହି ଦିଗଟିକୁ ନିଶାଗ୍ରସ୍ତମାନେ ସାମାନ୍ୟ ତମ ଭାବେ ଖାତିର କରିନଥାନ୍ତି । ତମାଖୁ ରାକ୍ଷାସ ନିଶାଖୋରଟିକୁ ପଙ୍ଗୁ କରି ବିକଳାଙ୍ଗ କରିଦେବା ସହ ସବୁକିଛି ଜାଳି ପୋଡ଼ି ଭିତରେ ଛାରଖାର କରିଦେଇଥାଏ । ପ୍ରତିବର୍ଷ ନିୟମିତ ସମୟ ଭିତରେ ତମାଖୁ ବ୍ୟବହାରକାରୀଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢୁଥିବା ବେଳେ ଏହାର ପାର୍ଶ୍ୱ ପ୍ରଭାବକୁ ନେଇ ରୋଗ ବି ସେହିପରି ଭାବରେ ବୃଦ୍ଧି ପାଉଛି । ତମାଖୁ ରାକ୍ଷାସ କବଳରୁ ନିଶାଖୋରଙ୍କୁ ବଂଚାଇ ଭଲ ଜୀବନଟି ବିତାଇବା ପାଇଁ ସରକାରୀ ସ୍ତର ହେଉ ବା ବେସରକାରୀ ସ୍ତର ସବୁକିଛି କିନ୍ତୁ ଫସର ଫାଟୁଛି । ଧୂମ୍ରପାନ ହୃଦ୍‌ଘାତର କାରଣ



। ଗଲ୍‌ବ୍ଲାଡ଼ର କ୍ୟାନସର, ସର୍ଭିକ୍ସ, ଇସୁଫାଗ୍‌ସ ଏବଂ କିଡ଼ନୀରେ କ୍ୟାନସର ହେବାର ଆଶଙ୍କା ସର୍ବାଧିକ । ବିପଦ କେବଳ ସେତିକିରେ ରହିନାହିଁ ମୁଖ କର୍କଟ, ଗଳା କର୍କଟ ଠାରୁ ପେଟରେ କର୍କଟ ଏପରିକି ଗର୍ଭାଶୟରେ କର୍କଟ ରୋଗ ବି ହୋଇପାରେ । ଧୂମ୍ରପାନ ଠାରୁ ଦୂରେଇଥିବା ବ୍ୟକ୍ତିଙ୍କ ଶାରୀରିକ ସାମର୍ଥ୍ୟ ତୁଳନାରେ ନିଶା ଗ୍ରସ୍ତ ଲୋକଙ୍କ ହୃଦ୍‌ଘାତ ହେବାର ଆଶଙ୍କା ଦୁଇରୁ ଚାରିଗୁଣା ଅଧିକ । ସେହିପରି ମହିଳାମାନେ ଧୂମ୍ରପାନ କଲେ ସେମାନଙ୍କର ପାକସ୍ଥଳୀରେ କର୍କଟ ହେବାର ଆଶଙ୍କା ଅଧିକ ରହୁଛି । ଏକ ପରିସଂଖ୍ୟନର ତଥ୍ୟ ଅନୁଯାୟୀ ମହିଳାଙ୍କ କ୍ଷେତ୍ରରେ ପାଖାପାଖି ୭୦ ପ୍ରତିଶତ ପାକସ୍ଥଳୀ କର୍କଟ ହେବାର କାରଣ ହେଉଛି ଏହି ଭୟାବହ ଧୂମ୍ରପାନ । ମନେରଖନ୍ତୁ ତମାଖୁ ସେବନ ଦ୍ୱାରା ଦାନ୍ତର ସୌନ୍ଦର୍ଯ୍ୟ ସହ ଏହାର ଗଠନ ଶୀଳତା ନଷ୍ଟ ହୋଇଥାଏ ଯାହାଦ୍ୱାରା କି ଖାଦ୍ୟର ସ୍ୱାଦ ଜାଣିବାର କ୍ଷମତା ହରାଇବା ସହ ଗଳାରୁ ରକ୍ତ ପଡ଼ିବା ସାଙ୍ଗରେ ମୁଖ କର୍କଟ ହେବାର ଆଶଙ୍କା ସର୍ବାଧିକ । ସେହିପରି ଧୂମ୍ରପାନ ହୃଦ୍‌ସ୍ପନ୍ଦନ ବୃଦ୍ଧି କରି ଉଚ୍ଚରକ୍ତ ଚାପର କାରଣ ହୋଇପାରେ ଏବଂ ହୃଦ୍‌ଘାତର ଆଶଙ୍କା ବଢ଼ାଇଥାଏ । ତମାଖୁ ସେବନ ଦ୍ୱାରା ପାକସ୍ଥଳୀଟି ସାଙ୍ଘାତିକ ଭାବରେ କ୍ଷତିଗ୍ରସ୍ତ ହୋଇଥାଏ । ଆଉ ଯଦି ପୂର୍ବରୁ ଶ୍ୱାସ ରୋଗଥାଏ ତେବେ ଏହି ସମସ୍ୟା ଜଟିଳ ଯାହାକି ପାକସ୍ଥଳୀ କର୍କଟର କାରଣ ହୋଇପାରେ । ସେହିପରି ଧୂମ୍ରପାନ ବା ତମାଖୁ ସେବନ ଦ୍ୱାରା ଶରୀରର ତ୍ୱଚା ଶୁଖିଲା ହେବା ସଙ୍ଗେ ସଙ୍ଗେ କେତେଙ୍କ କ୍ଷେତ୍ରରେ ହଳଦିଆ ପଡ଼ି ରିଙ୍କିଲ ପଡ଼ିଯାଇପାରେ । ଧୂମ୍ରପାନ କରିବା ଦ୍ୱାରା ମାଂସପେଷୀକୁ କମ୍ ପରିମାଣର ଅମ୍ଳଜାନ ଓ ରକ୍ତ ଆସିଥାଏ ଯାହାଦ୍ୱାରା ପରବର୍ତ୍ତୀ ସମୟରେ ମାଂସପେଷୀ ପାଇଁ ସବୁଠାରୁ ବଡ଼ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥାଏ । ଧୂମ୍ରପାନ କରୁଥିବା ବ୍ୟକ୍ତିଙ୍କର ନିୟମିତ ବ୍ୟବଧାନରେ ପେଟ ଯନ୍ତ୍ରଣା ରହେ ଏହା ବିଶେଷକରି ଲିଭର ଓ ବୃକକ୍ ଉପରେ ଗୁରୁତର ପ୍ରଭାବ ପକାଇଥାଏ ଯାହାକି ପରବର୍ତ୍ତୀ ସମୟରେ ପେଟ ସମ୍ବନ୍ଧୀୟ ବିଭିନ୍ନ ଭୟାନକ ରୋଗର ବଡ଼ କାରଣ ପାଲଟିଥାଏ । ପ୍ରତିବର୍ଷ ଏହି ତମାଖୁ ରାକ୍ଷାସର କବଳରେ ଛଅ ମିଲିଅନ୍‌ର ଲୋକ ଶିକାର ହୋଇଥାନ୍ତି । ସବୁଠାରୁ ଉଦ୍‌ବେଗଜନକ ପ୍ରସଙ୍ଗ ହେଉଛି ସେମାନଙ୍କ ଭିତରୁ ୬୦୦୦୦୦ ଲୋକ ଧୂମ୍ରପାନ ବା ନିଶା ସେବନ କରିନଥାନ୍ତି କିନ୍ତୁ ତାଙ୍କ ପାଖରେ ଏହି ନିଶାଖୋରଙ୍କ ସଂସ୍ପର୍ଶ ରହୁଥିବାରୁ ପାରିପାର୍ଶ୍ୱିକ ପ୍ରଭାବ ସେମାନଙ୍କୁ ମୃତ୍ୟୁମୁଖକୁ ଟାଣି ନେଇଥାଏ । ତମାଖୁ ରାକ୍ଷାସ କବଳରୁ ଜଣେ ଯେ ମୁକ୍ତି ପାଇ ପାରିବ ନାହିଁ ତାହାନୁହେଁ । ତେବେ ଶରୀରରୁ ନିକୋଟାଇନ୍ ଏବଂ ଅନ୍ୟାନ୍ୟ କାର୍ସିନୋଜେନ୍ କାଢ଼ିବା ପାଇଁ ପ୍ରତିଦିନ ତାଜା ଫଳ ସହ ସବୁଜ ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ । ପ୍ରଚୁର ପରିମାଣରେ ଖାଦ୍ୟ ଖାଆନ୍ତୁ ଏବଂ ଆଂଟିଅକ୍ସିଡେଂଟ ଏବଂ ଅଧିକ ପୃଷ୍ଟିସାର ଥିବା ଖାଦ୍ୟ ଖାଆନ୍ତୁ । ଶରୀରରୁ ବିଷାକ୍ତ ଅଂଶ କାଢ଼ିଦେବା ପାଇଁ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ । ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିଶା ସେବନ ବିରୁଦ୍ଧରେ ବିଭିନ୍ନ ଲୋକାଭିମୁଖୀ ଯୋଜନା ହାତକୁ ନେଉଛି । ସ୍ୱାସ୍ଥ୍ୟ ସେବାକୁ ଏହି କ୍ଷେତ୍ରରେ ତ୍ୱରାନ୍ୱିତ ସେବା ଦେବା ପାଇଁ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବ ସରକାରୀ ସ୍ତରରେ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବୈଠକ ଓ ଆଲୋଚନା ସମୟରେ ଏହି ଦିଗକୁ ସର୍ବାଧିକ ଗୁରୁତ୍ୱ ଦେଇ ନିଶା ସେବନକାରୀଙ୍କୁ ପୁର୍ନବାର ସାମାଜିକ ସ୍ରୋତରେ ସାମିଲ କରି ଏକ ଭଲ ଜୀବନ ବିତାଇବା ପାଇଁ ଅନେକ କ୍ରାନ୍ତିକାରୀ ଯୋଜନା ନିଶ୍ଚିନ୍ତ ଭାବରେ ଫଳବତୀ ହେଉଛି ଏବଂ ସରକାରଙ୍କ ସହାୟତା ପାଇ ବିଭିନ୍ନ ସ୍ୱେଚ୍ଛାସେବୀ ସେବାଭିମୁଖୀ ସଂଗଠନ ମାନେ ନିଶା ରାକ୍ଷାସକୁ ସମାଜରୁ ଦୂରେଇବା ପାଇଁ ଅହର୍ନିଶ ଯେଉଁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ସେ କ୍ଷେତ୍ରରେ ସଚେତନତାର ସହଯୋଗ ନିର୍ବାହ କରିବା ଦାୟିତ୍ୱ ଆମ ସମସ୍ତଙ୍କର ।









# ବୈରାଟଆଡ଼ି ପୋଖରୀର ସୌନ୍ଦର୍ଯ୍ୟ କରଣ ପାଇଁ ପରିଦର୍ଶନ କଲେ ଜିଲ୍ଲାପାଳ



ଜଳେଶ୍ୱର (ନିପ୍ର): ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଆଜି ଜଳେଶ୍ୱର ଅଧୀନ ଗୋବରଘଣ୍ଟା ପଂଚାୟତ ଗସ୍ତ ଥିଲେ । ଗସ୍ତ କାଳରେ ପଂଚାୟତର ବୈରାଟଆଡ଼ି ପୋଖରୀ ପରିଦର୍ଶନ ଓ ଦକ୍ଷିଣ ପ୍ରହରାଜପୁରରୁ ଗୋବରଘଣ୍ଟା ମଧ୍ୟରେ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣଧୀନ ଥିବା ସେତୁ କାମର ଯାଂଚ କରିଥିଲେ । ୨୫ ଏକର ପରିମିତ ଏହି ପୋଖରୀକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରିବା ପାଇଁ ସରପଂଚ ମିନତି କର ଓ ଯୁବନେତା ଚନ୍ଦନ କର କିଛି ମାସ ପୂର୍ବରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଉକ୍ତ ପୋଖରୀ ପରିଦର୍ଶନ କରିଥିଲେ ଏବଂ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଖୁବ୍‌ଶୀଘ୍ର ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଏଠାକୁ ଆସି ଯୋଜନା ପ୍ରସ୍ତୁତ କରିବେ ବୋଲି ଘୋଷଣା କରିଥିଲେ । ଏହାପରେ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣଧୀନ ଥିବା ସେତୁ କାମର ଯାଂଚ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଏହି ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ଶିବ ମାଲବ୍ୟ, ବିଡିଓ ଗୌରାଙ୍ଗ ଚରଣ ଘୋଷ, ବ୍ଲକ୍ ସହକାରୀ ଯନ୍ତ୍ରୀ ସନ୍ଧ୍ୟାରାଣୀ ପାତ୍ର, ଚନ୍ଦନ କର, ପିଇଓ ଅଶୋକ କୁମାର ସିଂ, ବିଷ୍ଣୁଚରଣ ପାତ୍ର, ଉମାକାନ୍ତ ଦଳାଇ, ଦୀପକ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

କନ୍ଧମାଳ : (ହି.ସ.) – କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସଭାପତି ତଥା ପୂର୍ବତନ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଉପସ୍ଥିତିରେ ରଥଯାତ୍ରା କମିଟିର ସଭାପତି ବାଳକୃଷ୍ଣ କୁଣ୍ଡିଙ୍କ ସଭାପତିତ୍ୱରେ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଗୋଷ୍ଠି ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁମନ୍ତ କୁମାର ମାଝୀ, ଥାନା ଅଧିକାରୀ ମୁରଲୀଧର ସାହୁ, ତହସିଲଦାର ଜ୍ୟୋତିପ୍ରକାଶ ସେଠି, ସମାଜସେବୀ ଜୟ ପାଣିଗ୍ରାହୀ ଯାତ୍ରା କମିଟି ସମ୍ପାଦକ ସତ୍ୟ ସାହୁଙ୍କ ସହ ବଣିକ ସଙ୍ଘ ସଭାପତି ଶିବଶଙ୍କର ମହାପାତ୍ର, ଅଜିତ କୁମାର ସାହୁ, ପ୍ରଦୀପ କୁମାର ସାହୁ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୂଜକ କାଳିଆ ପଣ୍ଡା, ବିରଂଚି ଡିଗାଲ, ଅଶୋକ କୁମାର ପାତ୍ର, କୁମାର ଡିଗାଲ ଓ ମନ୍ଦିର ପରିଚାଳନା ଓ ରଥଯାତ୍ରା ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ଓ ପ୍ରତ୍ୟକ ବର୍ଷପରି ଚଳିତ ବର୍ଷ ମଧ ମହାପ୍ରଭୁଙ୍କ ରଥଯାତ୍ରା ରୀତି ନୀତି ସହ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିବାବେଳେ ସର୍ବସମ୍ମତି କ୍ରମେ ଚଳିତ ବର୍ଷ ମଧ ବଣିକ ସଙ୍ଘର ପୂର୍ଣ୍ଣ ସହଯୋଗରେ ରଥଯାତ୍ରା ପରିଚାଳନା କରିବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା ।

# ଅର୍ଡ଼ା ପଂଚାୟତରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ



ଝାରସୁଗୁଡ଼ା : ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ଅର୍ଡ଼ା ଗ୍ରାମପଂଚାୟତ ପରିସରରେ ଆଜି ସରକାରଙ୍କ ଏକ ସ୍ୱତନ୍ତ୍ର 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ଝାରସୁଗୁଡ଼ାର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ଅଂଚଳର ପ୍ରଗତି, ଭିତିଭୂମିର ବିକାଶ ଏବଂ ସାଧାରଣ ଜନତାଙ୍କ ନିକଟରେ ସରକାରୀ ଯୋଜନାର ସଫଳ ରୂପାୟନ ପହଂଚାଇବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ହିତାଧିକାରୀଙ୍କୁ ଏହି ଅବସରରେ ବିଭିନ୍ନ କାର୍ଡ ମଧ ବଂଟନ କରାଯାଇଥିଲା । ଏହି ଅବସରରେ ଲଇକେରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିନାଶ ଲାକ୍ରା ପ୍ରମୁଖ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ଅର୍ଡ଼ା ପଂଚାୟତର ସରପଂଚ ବୀଣାପାଣି ପୋଡ଼ଙ୍କ ସମେତ ବିଜୟ ଶର୍ମା ଏବଂ ଉଦ୍ଧବ ସିଂ ନାଏକ ପ୍ରମୁଖ ମଂଚାସୀନ ରହି ସ୍ଥାନୀୟ ସମସ୍ୟା ଓ ବିକାଶର ରୋଡମ୍ୟାପ୍ ଉପରେ ନିଜ ନିଜର ବହୁମୂଲ୍ୟ ମତାମତ ଉପସ୍ଥାପନ କରିଥିଲେ । ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଶାସନକୁ ଲୋକଙ୍କ ନିକଟତର କରିବା ପାଇଁ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନ୍ତର୍ଗତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ମାନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ପଂଚାୟତର ସମିତି ସଦସ୍ୟ, ୱାର୍ଡ ସଭ୍ୟ, ସ୍ଥାନୀୟ ଜନପ୍ରତିନିଧି, ବ୍ଲକ ସ୍ତରୀୟ ଅଧିକାରୀ ଏବଂ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ନିଶାମୁକ୍ତ କରିବା ପାଇଁ ଏନ୍‌କର୍ଡ ବୈଠକ ଅନୁଷ୍ଠିତ

ଭଦ୍ରକ: ନିଶାଦ୍ରବ୍ୟ ସେବନରୁ ଦୂରେଇ ରଖୁବା ଏବଂ ନିଶାଦ୍ରବ୍ୟର ଅବୈଧ କାରବାର ଉପରେ କଡ଼ା ନଜର ରଖୁବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ସ୍ତରୀୟ ଏନ୍ ?କର୍ଡ (ଘଡଡଙ୍ଜଡ) ନାର୍କୋ କୋଅର୍ଡିନେସନ୍ ବୈଠକ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାରେ ନିଶାଦ୍ରବ୍ୟ ଚୋରା ଚାଲାଣ ଓ ବିକ୍ରି ରୋକିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି, ଶିକ୍ଷାନୁଷ୍ଠାନ ଓ ଗ୍ରାମସ୍ତରରେ ସଚେତନତା ଜୋରଦାର କରିବା, ଯୁବପିଢ଼ିଙ୍କ ମଧ୍ୟରେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ବ୍ୟାପକ ପ୍ରଚାର-ପ୍ରସାର କରିବା , ନିଶାଦ୍ରବ୍ୟ ନିୟନ୍ତ୍ରଣ ଦିଗରେ ଚାଲିଥିବା କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରିବା ସହ ସମସ୍ତ ସମ୍ପୃକ୍ତ ବିଭାଗକୁ ସଚେତନତା ଓ ପ୍ରତିରୋଧମୂଳକ ପଦକ୍ଷେପକୁ ଅଧିକ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ, ଶିକ୍ଷା, ଆଇନ ସେବା ପ୍ରାଧିକରଣ ଓ ପୁଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ମିଳିତ ଉଦ୍ୟମ ଉପରେ ମତବ୍ୟକ୍ତ କରିଥିଲେ ।

# ବ୍ରହ୍ମବରଦାରେ ସର୍ବ ଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ : ଅଖଣ୍ଡ ଭାରତରେ ଭାଇଚାରାର ସମ୍ପର୍କ ବିରଳ

ଧର୍ମଶାଳା :(ହି.ସ.) – ଅଖଣ୍ଡ ଭାରତରେ ଭାଇଚାରାର ସମ୍ପର୍କ ବିରଳ । ପରାଧୀନ ଭାରତ ବର୍ଷରୁ ଭିନ୍ନ ସମ୍ପ୍ରଦାୟର କବି ଓ ସାହିତ୍ୟିକମାନେ ସେମାନଙ୍କ ଉଦ୍ୟମ ଆଜି ବିଶ୍ୱ ସ୍ତରରେ ପଂହଚାଇ ପାରିଛନ୍ତି । ଏହି ପରମ୍ପରା ସବୁ ଦିନ ବଜାୟ ରହିବ । ଉର୍ଦ୍ଦୁଭାଷା ଓ ସଂସ୍କୃତିର ସୁରକ୍ଷା ବହନ କରିଥାଏ । କବିମାନେ ତାଙ୍କ ଗଜଲ,ନଜମ ଓ ଶାୟରୀ ପ୍ରସ୍ତୁତ କରି ସାମାଜିକ,ସାଂସ୍କୃତିକ ଓ ମାନବୀୟ ଭାବନାର ଅଭିବ୍ୟକ୍ତି କରିଥାଏ । କବିମାନଙ୍କୁ ତାଙ୍କର ସୃଜନଶୀଳତା ପ୍ରକାଶ କରିବାରେ ମଂଚ ଦେବା ଏବଂ ଶ୍ରୋତାମାନଙ୍କ ମଧ୍ୟରେ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିଥାଏ ବୋଲି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାଠାରେ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ଉର୍ଦ୍ଦ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥିବା ସର୍ବ ଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କବିମାନେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ପୂର୍ବତନ ପ୍ରଶାସକ ସୟଦ ମହମ୍ମଦ ଅକଦସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯାଜପୁର ସାଂସଦ ଡ. ରବିନ୍ଦ୍ର ନାରାୟଣ ବେହେରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବିଜେପି ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନ,ବରୀ ନିର୍ବାଚନ ମଣ୍ଡଳୀର ଯୁବନେତା ଉମେଶ ଜେନା,ବ୍ରହ୍ମବରଦା ଥାନା ଅଧିକାରିଣୀ ଜୟନ୍ତୀ ମଲ୍ଲିକ,କୁଆଖିଆ ଥାନା ଅଧିକାରୀ ସୁଶାନ୍ତ କୁମାର ସେଠୀ ,ବ୍ରହ୍ମବରଦା ସରପଂଚ ମମତା ଶୁଭଦର୍ଶନୀ ଦେଓ ଓ ଯାଜପୁର ଜିଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ସାଗର ଜେନାଙ୍କ ସମେତ ଅବିଭକ୍ତ ବ୍ରହ୍ମବରଦା ଅଂଚଳର ବରିଷ୍ଠ ମୁରବୀ ପ୍ରମୁଖ ଉପସ୍ଥିତ ରହି କବି ମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଅତିଥି ଓ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ମଧ୍ୟପ୍ରଦେଶ ଭୋପାଲର ଅତୁଲ ଅଜନବୀ, ଅଫଜଲ ଦାନିଶ୍,ଇସମାଇଲ ନଜର,ଦିଲ୍ଲୀର ୱାରିଶ ୱାରଶି,ଦିଲ ସାଦ୍ ଖେରାବାଦୀ,ଅବଜଲ ଆଲାହାବାଦୀ, ଓଡିଶା ଭଦ୍ରକର ମୁସ୍ତାକ ଗହର,ଜଫର ଦାନିଶ୍,କଟକର ସେକ୍ ସୟଦ ମହମ୍ମଦ ଅକଦଶ, ସମିଉଲ ହକ୍,ବ୍ରହ୍ମବରଦାର ଅବଦୁଲ ରେହେମାନ ଆବିଦ ପ୍ରମୁଖ ସେମାନଙ୍କ କାବ୍ୟ ମଧ୍ୟମରେ ଶହଶହ ଶ୍ରୋତାମାନଙ୍କ ମନ ମୁଗ୍ଧକରିଥିଲେ ଉର୍ଦ୍ଦୁ ଏକାଡେମୀ ପକ୍ଷରୁ ସେକ୍ ତନବିର ରବାନି ମଂଚ ସଂଯୋଜନା କରିଥିଲେ । ଶେଷରେ ଜକି ଆଲାମ୍ ଧନ୍ୟବାଦ ଅର୍ପଣ କରିଥିଲେ । ମଂଚ ପରିଚାଳନାରେ ଯୁବନେତା ପ୍ରଦୀପ ଦାସ,ଜିଲା ସଂଖ୍ୟ ଲଘୁ ସେଲ ସଭାପତି ଜୁଲଫୁକାର ଅଲ୍ଲୀ ଖାଁନ୍,ସଫି ଆଲାମ ଖାଁନ୍,ରାକେଶ ଦେଓ ଓ ଅନୱର ଖାଁନ୍ ପ୍ରମୁଖ ସହଯୋଗ କରିଥିଲେ । ବ୍ରହ୍ମବରଦା ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ଫିରିଙ୍ଗିଆ ପଂଚାୟତ ମହାବିଦ୍ୟାଳୟରେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ

କନ୍ଧମାଳ :(ହି.ସ.) - କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଂଚାୟତ ମହାବିଦ୍ୟାଳୟ ପରିସରରେ ରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରଛାତ୍ରୀମାନଙ୍କୁ ନେଇଁ ଏକ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଫିରିଙ୍ଗିଆ ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆରମ୍ଭ କରିବା ସହ ଭୋଟର ମାନଙ୍କ ଦାୟିତ୍ୱ କର୍ତବ୍ୟ ତଥା ଦେଶ ଗଠନ ରେ ଛାତ୍ର ଛାତ୍ରୀ ମାନଙ୍କ ଆବଶ୍ୟକତା ସମ୍ପର୍କରେ ଛାତ୍ର ଛାତ୍ରୀ ମାନଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । ଯୋଗ୍ୟ ଭୋଟଦାତା ହିଁ ଭବିଷ୍ୟତ ନିର୍ମାଣ ରେ ରେ ସହାୟକ ହୋଇ ପାରିବେ ବୋଲି ମତ ଉପସ୍ଥାପନ କରିଥିଲେ ଳ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡଃ ଚିତରଞ୍ଜନ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସ୍ନାତକ ମହାବିଦ୍ୟାଳୟ ର ଅଧକ୍ଷ ନବଘନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା କର୍ମଚାରୀ ତଥା ଦୁଇ ସହ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ

# ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ

## ଯୋଗ୍ୟ ହିତାଧିକାରୀ ଙ୍କୁ ରେସନ କାର୍ଡ ସହିତ ବିଭିନ୍ନ ସରକାରୀ ଯୋଜନା ଓ ସୁବିଧା ସୁଯୋଗ ବଂଟନ



ବାଲିଆପାଳ : (ନିପ୍ର) ମଙ୍ଗଳବାର ବାଲିଆପାଳ ବ୍ଲକ ପରିସରରେ ଗତ ୧୮ ତାରିଖ ଠାରୁ ଚାଲିଥିବା ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ମଙ୍ଗଳବାର ଚତୁର୍ଥ ଦିବସରେ ଯୋଗ୍ୟ ହିତାଧିକାରୀ ଙ୍କୁ ରେସନ କାର୍ଡ ବଂଟନ ସହିତ ବିଭିନ୍ନ ସରକାରୀ ଯୋଜନାରେ ସୁବିଧା ସୁଯୋଗ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସର ରେ ବାଲିଆପାଳ ବ୍ଲକ ବିଡିଓ ରାଧାରଞ୍ଜନ ଦାସ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବସ୍ତା ର୍ନ୍ଦିଚନ ମଣ୍ଡଳୀର ବିଧାୟୀକା ସୁବାସିନୀ ଜେନା ଯୋଗ ଦେଇ ବକ୍ତବ୍ୟ ରେ କହିଥିଲେ ଯେ ସରକାରଙ୍କ ଜନ କଲ୍ୟାଣ ଯୋଜନା ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଂଚିବା ସହିତ ବିଭିନ୍ନ ଯୋଜନରେ ଲାଭ ଉଠାଇ କିପରି ସଫଳ ହୋଇପାରିବେ ସେ ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମର ବାଲିଆପାଳ ବ୍ଲକ ଏମପିଙ୍କ ସହାୟକ ରବୀନ୍ଦ୍ର ନାଥ ଅଣ୍ଡିଆ ଯୋଗ ଦେଇ ବକ୍ତବ୍ୟ ରେ କହିଥିଲେ ଭାଜପା ସରକାର ଲୋକଙ୍କ ପଇଁ ବହୁ ଜନ ହିତକର ଯୋଜନା ପ୍ରସ୍ତୁତ କରି ଲୋକଙ୍କ ପାଖରେ ପହଂଚାଇବାର ପ୍ରୟାସ ଜାରି ରଖିଛି ।ସମ୍ମାନିତ ଅତିଥି ଭାବରେ ବାଲିଆପାଳ ତହସିଲଦାର ସସ୍ମିତା ମୁର୍ମୁ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସୁନିତା ନାୟକ ପ୍ରମୁଖ ଯୋଗ ଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ମାନଙ୍କ ଦ୍ୱାରା ୭ ଜଣଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ, ୯ ଜଣଙ୍କୁ ମୁଖ୍ୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା,୧୩ ଜଣଙ୍କୁ ବସୁନ୍ଧରା ପଟା ଯୋଜନା, ୧୦ ଜଣ ଅଙ୍ଗନ ୱାଡି କର୍ମୀଙ୍କୁ ମୋବାଇଲ ବଂଟନ,୧୫ ଜଣଙ୍କୁ ନୂଆ ଭତା ବଂଟନ ପରି ଆୟୁଷ୍ମାନ ବୟବନ୍ଦନା ସ୍ୱାସ୍ଥ୍ୟ କାର୍ଡ, ଅନ୍ତର୍ଦ୍ଦୟ ଗୃହ ଯୋଜନାର ୱାର୍କ ଅର୍ଡର ଏବଂ ସମ୍ପୂର୍ଣ୍ଣ ଗୃହ ନିର୍ମାଣ କରିଥିବା ହିତାଧିକାରୀ ଙ୍କୁ ବୋନସ ଟଙ୍କା ବଂଟନ କରାଯାଇଥିଲା । ଜିପିଡିଓ ପ୍ରିୟବ୍ରତ ଗିରି ଅତିଥି ମାନଙ୍କୁ ମଂଚ ଆହ୍ୱାନ ସହିତ ପରିଚୟ ପ୍ରଦାନ କରିଥିଲେ । ଏବିଡିଓ ଶରତ ଚନ୍ଦ୍ର ମୁଦୁଲିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା,ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉଦିତ କୁମାର ମାହାପାତ୍ର,ବିପିଏମ ଉତମ କୁମାର ସାହୁ ଙ୍କ ସହିତ ବ୍ଲକ ର ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟରେ ସହଯୋଗରେ ସହଯୋଗ କରିଥିଲେ ।

# ସ୍କାଉଟସ୍ ଓ ଗାଇଡସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ




ଭୁବନେଶ୍ୱର : ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ ତା ୨୩.୦୬. ୨୦୨୬ରିଖ ଦିନ ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ ରାଜ୍ୟ ମୁଖ୍ୟାଳୟ ସଭାଗୃହରେ ଆୟୋଜିତ ହୋଇଥିଲା । ମାନ୍ୟବର ରାଜ୍ୟ ବରିଷ୍ଠ ଉପସଭାପତି ଜଷ୍ଟିସ୍ ମନୋରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ କାଳିପ୍ରସାଦ ମିଶ୍ର, ସଭାପତି ଓଡିଶା କୋ-ଅପରେଟିଭ୍ ବ୍ୟାଙ୍କ ତଥା ଉପସଭାପତି ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଶ୍ରୀଯୁକ୍ତ ଟି. ପ୍ରସାଦ ରାଓ ଦୋରା, ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ରାଜ୍ୟ କମିଶନର (ସ୍କାଉଟ୍) ଡଃ. ବିଶ୍ୱଜିତ୍ ଘୋଷ, ଶ୍ରୀଯୁକ୍ତ ଅଶୋକ କୁମାର ରଥ, ଡଃ. ଧ୍ରୁବ ଚରଣ ପରିଡା, ଶ୍ରୀଯୁକ୍ତ ନଗେନ୍ଦ୍ର କୁମାର ଦ□, ରାଜ୍ୟ କମିଶନର (ଗାଇଡ୍) ଡଃ. ସିପ୍ରା ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶାର ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ଜ୍ୟୋତି ପ୍ରସାଦ ପରିଡା, ରାଜ୍ୟ ସମ୍ପାଦକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ପାଇକରାୟ, ରାଜ୍ୟ କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଭବାନୀ ପ୍ରସାଦ ମିଶ୍ର ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ଶାରୀରିକ ଶିକ୍ଷା ନିରୀକ୍ଷକଙ୍କ ସମେତ ରାଜ୍ୟ ତଥା ଜିଲ୍ଲାସ୍ତରୀୟ ରାଜ୍ୟପରିଷଦର ବହୁ ସଭ୍ୟ ସଭ୍ୟା ଯୋଗଦେଇଥିଲେ । ରାଜ୍ୟ ମୁଖ୍ୟ କମିଶନର ଡଃ ମିଶ୍ର ତାଙ୍କ ସ୍ୱାଗତ ଭାଷଣରେ ବିଗତ ଦିନମାନଙ୍କରେ ରାଜ୍ୟ ସଂସ୍ଥା ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଷ୍ଠା ଲାଭ କରିଥିବାର ଅବତାରଣା କରି ସଦସ୍ୟମାନଙ୍କର ସକ୍ରିୟ ସହଯୋଗର ଉଚ୍ଚପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହାକୁ ଆହୁରି ଦୃଢ଼ୀଭୂତ କରିବା ପାଇଁ ଆଶା ବ୍ୟକ୍ତ କରିଥିଲେ । ପରେ ପରେ କାର୍ଯ୍ୟସୂଚୀ ଅନୁଯାୟୀ ଗତବର୍ଷର ଆୟ ବ୍ୟୟର ଅଟକଳ ପରିଷଦ ଦ୍ୱାରା ଅନୁମୋଦନ ଲାଭ କରିଥିଲା । ଏତଦ୍‌ବ୍ୟତୀତ ବିଭିନ୍ନ କମିଟି ତଥା କାର୍ଯ୍ୟକାରିଣୀ କମିଟି ଦ୍ୱାରା ଆଗତପ୍ରସ୍ତାବ ଗୁଡିକ ବିଷୟରେ ସବିଶେଷ ଆଲୋଚନା କରାଯାଇ ସର୍ବସମ୍ମତି କ୍ରମେ ଅନୁମୋଦିତ ହୋଇଥିଲା । ଚଳିତ ରାଜ୍ୟ ପରିଷଦ ବୈଠକରେ ପୂର୍ବ ନିଷ୍ପତି ଅନୁସାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ ଅନିବାର୍ଯ୍ୟ କାରଣ ବଶତଃ ବନ୍ଦ ହୋଇଥିବାରୁ ସଭ୍ୟ ସଭ୍ୟାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏଥିରେ ହସ୍ତକ୍ଷେପ କରି ଅତିଶିଘ୍ର ବ୍ୟବସ୍ଥିତ ନିୟମ ଅନୁସାରେ ପରିଷଦର ସଭାପତି ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି ନିର୍ବାଚନ କରାଯିବାର ପ୍ରତିଶ୍ରୁତି ରଖିଥିଲେ । ପରିଶେଷରେ ରାଜ୍ୟ କମିଶନର ଡଃ. ଧ୍ରୁବ ଚରଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଳେଶ୍ୱର ପୌରପରିଷଦ ପକ୍ଷରୁ ବିକାଶ ଧାରା ଓଡ଼ିଶା ସାରା ସହରାଂଚଳ ଜନସମ୍ପର୍କ କାର୍ଯ୍ୟକ୍ରମ




ଜଳେଶ୍ୱର (ନିପ୍ର )ବିକାଶ ଧାରା ଓଡିଶା ସାରା ଦୁଇ ବର୍ଷ ପୂର୍ତି ପାଇଁ ରାଜ୍ୟସ୍ତରୀୟ ସହରା *ଳ ହବଭବ ସମର୍କ ଓ ନାଗରିକ ସହାଭାଗିନୀ କାର୍ଯ୍ୟକ୍ରମ ଆଜି ଜଳେଶ୍ୱର ପୌରପରିଷଦ ରେ ଅନୁଷ୍ଠିତ ହୋଇଯାଇଛି / କାର୍ଯ୍ୟକ୍ରମ ର ସିଧପ୍ରସାରଣ ଏଲ ଇ ଡ଼ି ମାଧ୍ୟମ ରେ ପ୍ରଦର୍ଶନ ହୋଇଥିଲା /ଏହି କାର୍ଯ୍ୟକ୍ରମ ରେଆବାସ ଯୋଜନା ରେ ଗୃହ ନିର୍ମାଣପାଇଁ ୱାର୍କ ଅଡର ପ୍ରଦାନ କରାଯାଇଥିଲା /ପୌର ପାଳ ପ୍ରତୀକ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ସ୍ଥାନୀୟ ବାର ନମ୍ବର ୱାର୍ଡ କାଉନସିଲର ଶିବନାରାୟଣ ମହାପତ୍ର ପ୍ରମୁଖ ହିତାଧିକାରୀ କାରୀ ଙ୍କୁ ଆବାସ ଯୋଜନା ୱାର୍କ ଅଡର ପ୍ରଦାନ କରିଥିଲେ //ଏହି କାର୍ଯ୍ୟକ୍ରମ ପ୍ରସାରଣ ବାସନ୍ତୀ ପଡିଆ, ବସଷ୍ଟାଣ୍ଡ ରେ ହେଇଥିଲା /କାର୍ଯ୍ୟକ୍ରମ ରେ ପୌର କାର୍ଯ୍ୟାଳୟ ସି ଇ ଓ ଜ୍ୟୋତ୍ସ୍ନା ରାଣୀ ପତି, କିଶୋରଚମ୍ପତି ପ୍ରମୁଖ ପରିଚାଳନା କରିଥିଲେ ।

# ଜିଲ୍ଲାରେ SIR କାର୍ଯ୍ୟରେ ଅଗ୍ରଗତି

ଭଦ୍ରକ : ଜିଲ୍ଲାର ପାଂଚଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଚାଲିଥିବା ସ୍ୱତନ୍ତ୍ର ସଂଘନ ସଂଶୋଧନ ଝଓଜ କାର୍ଯ୍ୟକ୍ରମରେ ଅଗ୍ରଗତି ହୋଇଛି । ଜିଲ୍ଲାରେ ମୋଟ ୧୨ ଲକ୍ଷ ୮୪ ହଜାର ୬୧୮ ଜଣ ମତଦାତାଙ୍କ ମଧ୍ୟରୁ ୧୨ ଲକ୍ଷ ୮୪ ହଜାର ୪୭୫ ଟି ଇଲେକ୍ଟର ଫର୍ମ ଡାଉନଲୋଡ୍ କରାଯାଇଥିବା ବେଳେ ସବୁ ଫର୍ମ ବଂଟନ କରାଯାଇଛି । ଏପର୍ଯ୍ୟନ୍ତ ଜିଲ୍ଲାରେ ୧୧ ଲକ୍ଷ ୫୨ ହଜାର ୨୦୮ ଟି ଫର୍ମ ଡିଜିଟାଇଜ୍ ହୋଇଥିବାରୁ ଜିଲ୍ଲାର ଡିଜିଟାଇଜେସନ୍ ହାର ଗତ କାଲି ସୁଦ୍ଧା ୮୯ ଦଶମିକ ୬୯ ପ୍ରତିଶତରେ ପହଂଚିଛି । ଏଥିରେ ୧ ହଜାର ୩୨୬ ଜଣ ବି ଏଲ୍ ଓ ଙ୍କୁ ନୀୟୋଜିତ କରାଯାଇଛି । ଧାମନଗର ନିର୍ବାଚନମଣ୍ଡଳୀରେ ସର୍ବାଧିକ ୯୦.୯୭ପ୍ରତିଶତ ଫର୍ମ ଡିଜିଟାଇଜ୍ ହୋଇଥିବାବେଳେ ବାସୁଦେବପୁରରେ ୯୦.୨୬ ପ୍ରତିଶତ, ଭଣ୍ଡାରିପୋଖରୀରେ ୯୦.୭୪ ପ୍ରତିଶତ, ଭଦ୍ରକରେ ୮୯.୩୩ ପ୍ରତିଶତ ଏବଂ ଚାନ୍ଦବାଲିରେ ୮୭.୨୩ ପ୍ରତିଶତ ଫର୍ମ ଡିଜିଟାଇଜ୍ କରାଯାଇଛି । ରିପୋର୍ଟ ଅନୁଯାୟୀ, ଜିଲ୍ଲାରେ ୧୧ ଲକ୍ଷ ୫୧ ହଜାର ୯୮୫ ଟି ଫର୍ମ ଈଖଡ ମାନଙ୍କ ଦ୍ୱାରା ଯାଂଚ କରାଯାଇଥିବାବେଳେ କେବଳ ୨୦୭ଟି ଫର୍ମ ମତଦାତାଙ୍କ ଦ୍ୱାରା ଦାଖଲ ହୋଇ ଯାଂଚ ଅପେକ୍ଷାରେ ରହିଛି । SIR କାର୍ଯ୍ୟକ୍ରମକୁ AERO ମାନଙ୍କ ତତ୍ତ୍ୱାବଧାନରେ ତ୍ୱରାନ୍ୱିତ ଭାବେ ଆଗେଇ ନିଆଯାଉଛି ।

# ମହରମ ପାଳନ ନିମନ୍ତେ ଶାନ୍ତି ଓ ସମନ୍ୱୟ ସମିତି ବୈଠକ

ସମ୍ବଲପୁର : (ହି.ସ.)- ଚଳିତ ବର୍ଷ ମୁସଲିମ୍ ସଂପ୍ରଦାୟର ଚର୍ଚ୍ଚିତ ମହରମ ପର୍ବ ପାଳନ ନିମନ୍ତେ ଶାନ୍ତିପୂର୍ଣ୍ଣ ଓ ସମନ୍ୱିତ ଉତ୍ସବ ନିଶ୍ଚିତ କରିବା ପାଇଁ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ପରିସରରେ ଏକ ଶାନ୍ତି ଓ ସମନ୍ୱୟ ସମିତି ବୈଠକ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକର ସମ୍ବଲପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶଶାଙ୍କ ଶେଖର ବେଉରା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମନ୍ତ ବାରିକ, ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଏସଡିପିଓ ତୁଫାନ ବାଗଙ୍କ ସମେତ ଶାନ୍ତି ଓ ସମନ୍ୱୟ ସମିତିର ସଦସ୍ୟମାନେ, ଜିଲ୍ଲା ପ୍ରଶାସନ, ପୋଲିସ ବିଭାଗ, ଏବଂ ସମ୍ବଲପୁର ଅଂଚଳର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗତ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଜିଲ୍ଲାରେ ମହରମ କିପରି ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେ ବିଷୟରେ ଆଲୋଚନା କରାଗଲା । ମହରମ ସମୟରେ ଜନସାଧାରଣଙ୍କ ସୁବିଧା ପାଇଁ ସହରର ୧୦ଟି ପ୍ରମୁଖ ସ୍ଥାନ (ମୋତିଝରନ, ଭୂତାପଡ଼ା ଛକ, ଜିଲ୍ଲା ସ୍କୁଲ ଛକ, ପେନସନପଡ଼ା, ପୀରବାବା ଛକ, ଗୋଲେବଜାର ଛକ, ଲକ୍ଷ୍ମୀ ଟକିଜ୍ ଛକ, ମୋଦିପଡ଼ା ଛକ, ବାଦବଜାର ଏବଂ କୁଞ୍ଜେଲପଡ଼ା ଛକଠାରେ ୱାଟକୋ ବିଭାଗ ପକ୍ଷରୁ ପାନୀୟ ଜଳ ପୂର୍ଣ୍ଣ ଟ୍ୟାଙ୍କର ମହଜୁଦ ରଖାଯିବ । ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଶୋଭାଯାତ୍ରା ଅତିକ୍ରମ କରିବାକୁ ଥିବା ସମସ୍ତ ମୁଖ୍ୟ ରାସ୍ତା ଓ ନାଳଗୁଡ଼ିକର ସଫେଇ କରାଯିବ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲାଯିବ । ଜରୁରୀକାଳୀନ ପରିସ୍ଥିତି ପାଇଁ ଗୋଲେବଜାର ଛକରେ ଏକ ଆମ୍ବୁଲାନ୍ସ ମୁତୟନ ରହିବା ସହ ଅନ୍ୟ ଏକ ଆମ୍ବୁଲାନ୍ସ ଆବଶ୍ୟକୀୟ ଔଷଧ ଏବଂ ଡାକ୍ତରୀ ଦଳ ସହିତ ଜିଲ୍ଲା ସ୍କୁଲରୁ ପୀରବାବା ଛକ ପର୍ଯ୍ୟନ୍ତ ଶୋଭାଯାତ୍ରା ସହ ଗତି କରିବ । ମହରମ ପାଳନ ସମୟରେ ସହରରେ ଯେପରି କୌଣସି ପ୍ରକାର ବିଦ୍ୟୁତ ବିଭ୍ରାଟ ନହୁଏ, ସେଥିପାଇଁ ଟିପିଡବ୍ଲୁଓଡିଏଲ ବିଭାଗକୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେକୌଣସି ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଅଗ୍ନିଶମ ବାହିନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅବସ୍ଥାରେ ରହିବେ । ଶୋଭାଯାତ୍ରା ଯେପରି ଶାନ୍ତିପୂର୍ଣ୍ଣ ଓ ସୁଗମ ଭାବେ ଅତିକ୍ରମ କରିବ, ସେଥିପାଇଁ ବ୍ୟାପକ ପୋଲିସ ମୁତୟନ ଇତ୍ୟାଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ।

# ନରେନ୍ଦ୍ର ମୋଦୀ: ସର୍ବାଧିକ ସମୟ ଧରି କାର୍ଯ୍ୟରତ ପ୍ରତ୍ୟକ୍ଷ ନିର୍ବାଚିତ ପ୍ରଧାନମନ୍ତ୍ରୀ



ସୁଶ୍ରୀ ଶର୍ମିଷ୍ଠା ମୁଖାର୍ଜୀ

ଭାରତର ସବୁଠାରୁ ଦୀର୍ଘ ସମୟ ଧରି ଦାୟିତ୍ୱ ତୁଲାଇଥିବା ପ୍ରଧାନମନ୍ତ୍ରୀଙ୍କୁ ନେଇ ଚାଲିଥିବା ତର୍କବିତର୍କ ମଧ୍ୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୦୧୪ର ବିପୁଳ ବିଜୟକୁ ନେଇ ମୋର ସ୍ୱର୍ଗତ ପିତା ପ୍ରଣବ ମୁଖାର୍ଜୀ ପ୍ରକାଶ କରିଥିବା ଏକ ଆକର୍ଷଣୀୟ ଅନ୍ତର୍ଦୃଷ୍ଟି ମୋର ସ୍ମରଣକୁ ଆସୁଛି । ବାବା ସେତେବେଳେ ଭାରତର ୧୩ତମ ରାଷ୍ଟ୍ରପତି ଥିଲେ । ଭିନ୍ନ ଭିନ୍ନ ରାଜନୈତିକ ଚିନ୍ତାଧାରାର ହୋଇଥିଲେ ମଧ୍ୟ, ସେମାନଙ୍କ ମଧ୍ୟରେ ଏକ ଚମତ୍କାର ସମ୍ପର୍କ ରହିଥିଲା, ଯାହା ବୋଧହୁଏ ଏକ ପ୍ରକୃତ ଗଣତନ୍ତ୍ରର ବିଶେଷତ୍ୱ ଅଟେ । ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ, ଶ୍ରୀ ମୋଦୀ ରାଷ୍ଟ୍ରପତି ଭବନରେ ବାବାଙ୍କୁ ଭେଟିବାକୁ ଆସିଥିଲେ । କଥାବାର୍ତ୍ତା ସମୟରେ ବାବା ତାଙ୍କୁ ନିର୍ବାଚନରେ ତାଙ୍କର ବିଶ୍ଳେଷଣ ବିଷୟରେ ପଚାରିଲେ । ସେ ଉତର ଦେଲେ ଯେ ତିନି ଦଶନ୍ଧି ପରେ, ଏକ ରାଜନୈତିକ ଦଳ ପୂର୍ଣ୍ଣ ବହୁମତ ହାସଲ କରି ସରକାର ଗଢ଼ିଛି । ତା'ପରେ, ବାବା ତାଙ୍କର ସାଧାରଣ ଅଧ୍ୟାପକୀୟ ଶୈଳୀରେ ପଚାରିଥିଲେ 'ଆଉ କ'ଣ' ଯେତେବେଳେ ଶ୍ରୀ ମୋଦୀ ନୀରବ ରହିଲେ, ବାବା ଦର୍ଶାଇଲେ ଯେ ୨୦୧୪ ମସିହା ଲୋକସଭା ନିର୍ବାଚନ ଇତିହାସରେ ଅନନ୍ୟ ଥିଲା । କାରଣ ଏଥିରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବରେ ଏକ ନୂତନ ମୁହଁ ଘୋଷିତ ହୋଇଥିଲା । ଭାରତୀୟ ଜନତା ପାର୍ଟି (ବିଜେପି)କୁ ଲୋକଙ୍କ ବିପୁଳ ଜନାଦେଶ କେବଳ ତାଙ୍କ ଦଳ ପାଇଁ ମିଳିନଥିଲା ବରଂ ଏହା ନରେନ୍ଦ୍ର ମୋଦୀଙ୍କୁ ଭାରତର ପ୍ରଧାନମନ୍ତ୍ରୀ ଭାବରେ ଦେଖିବା ସକାଶେ ଲୋକଙ୍କ ଦ୍ୱାରା ପ୍ରତ୍ୟକ୍ଷ ଜନାଦେଶ ଥିଲା । ଅନ୍ୟ ନିର୍ବାଚନ ପରି ଯେଉଁଠାରେ ପ୍ରଧାନମନ୍ତ୍ରୀଙ୍କ ମୁହଁ ଧରିନିଆଯାଏ; କିନ୍ତୁ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଏ ନାହିଁ; କିମ୍ବା ଏହା ପରମ୍ପରା ଅନୁଯାୟୀ ନବ ନିର୍ବାଚିତ ସାଂସଦମାନଙ୍କ ଦ୍ୱାରା ଚୟନ କରାଯାଇଥାଏ; କିମ୍ବା ମେଂଟ ଗଣିତ ଦ୍ୱାରା ସ୍ଥିର କରାଯାଏ । ଏହି ପ୍ରକ୍ରିୟା ନିର୍ବାଚନ ପରେ କରାଯାଇଥାଏ । ମୋଦୀଙ୍କ ପୂର୍ବବର୍ତ୍ତୀ ଡକ୍ଟର ମନମୋହନ ସିଂହ, ଯିଏ କେବେବି ଜନନେତା ନଥିଲେ, ତାଙ୍କୁ ତତ୍କାଳୀନ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଚୟନ କରିଥିଲେ । ଭାରତର ଦୁଇ ପ୍ରଧାନମନ୍ତ୍ରୀ - ପି.ଭି. ନରସିଂହ ରାଓ ଏବଂ ଦେବେଗୌଡା ପ୍ରଧାନମନ୍ତ୍ରୀ ହେବା ସମୟରେ ସଂସଦର ସଦସ୍ୟ ମଧ୍ୟ ନଥିଲେ । ସରଳ ଭାବରେ କହିବାକୁ ଗଲେ, ପ୍ରଧାନମନ୍ତ୍ରୀ ଚୟନ ପ୍ରକ୍ରିୟା ବରିଷ୍ଠ ରାଜନେତାଙ୍କ କାର୍ଯ୍ୟ ଥିଲା । ୨୦୧୪ ମସିହାରେ ଭାରତୀୟ ରାଜନୀତିର ନିର୍ବାଚନ ଗତିଶୀଳତାରେ ଏକ ଶକ୍ତ ପରିବର୍ତ୍ତନ ଥିଲା ଯେଉଁଠାରେ ଦେଶର ନାଗରିକମାନେ ସ୍ୱଷ୍ଟ ଏବଂ ସ୍ୱଷ୍ଟ ଭାବରେ ନରେନ୍ଦ୍ର ମୋଦୀଙ୍କୁ ହିଁ ସେମାନଙ୍କର ପ୍ରଧାନମନ୍ତ୍ରୀ ଭାବରେ ବାଛିଥିଲେ, ଊଣା ଅଧିକେ 'ରାଷ୍ଟ୍ରପତି ନିର୍ବାଚନ' ଢଙ୍ଗରେ । ଏହା ମଧ୍ୟ ଉଲ୍ଲେଖନୀୟ ଯେ ୨୦୧୪ ମସିହା ପୂର୍ବରୁ, ଶ୍ରୀ ନରେନ୍ଦ୍ର ମୋଦୀ 'ଜାତୀୟ' ରାଜନୀତିରେ ନୂଆ ମୁହଁ ଥିଲେ । ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର ଦୀର୍ଘ କାର୍ଯ୍ୟକାଳ ମଧ୍ୟରେ ସେ ନିଜର ଆଭା ନିର୍ମାଣ କରିଥିଲେ ଏବଂ ନିଜର ଛାପ ସୃଷ୍ଟି କରିଥିଲେ । କିନ୍ତୁ ୨୦୧୪ ମସିହାରେ ତାଙ୍କର ପ୍ରଥମ ଲୋକସଭା ନିର୍ବାଚନ ଥିଲା । ଭାରତର ପ୍ରଧାନମନ୍ତ୍ରୀ ଭାବରେ ପ୍ରଥମ ଥର ପାଇଁ ଜଣେ ସାଂସଦ ସଂସଦ ଭବନରେ ପ୍ରବେଶ କରିବା ଘଟଣା ଅଭୂତପୂର୍ବ । (ପୁରୁଣା) ସଂସଦ ଭବନର ପାହାଚରେ 'ପ୍ରଣାମ' କରିବାର ତାଙ୍କର ଭାବପ୍ରବଣ କାର୍ଯ୍ୟ ଏକ ଚିନ୍ତାଶୀଳ ତଥା ଆବେଗିକ କାର୍ଯ୍ୟ ଥିଲା ଯାହା ଲକ୍ଷ ଲକ୍ଷ ଭାରତୀୟ ନାଗରିକଙ୍କ ହୃଦୟକୁ ସ୍ପର୍ଶ କରିଥିଲା । ନିର୍ବାଚନ ଜିତିବା କେବେବି ଏକକ କାରଣ ନୁହେଁ ଏବଂ ଏହା ଏକ ଜଟିଳ ପ୍ରକ୍ରିୟା, ଯେଉଁଥିରେ ଅନେକ କାରଣ ସାମିଲ ଅଛି । ବିଜେପିର ଦୃଢ଼ ତୃଣମୂଳ ସଂଗଠନ, ବିଭିନ୍ନ ଜାତି ଏବଂ ସମ୍ପ୍ରଦାୟ ଗୋଷ୍ଠୀ ସହିତ ନିରନ୍ତର ଯୋଗାଯୋଗର ରଣନୀତି, ନିଜର ଦୋଷତ୍ରୁଟିକୁ ଶୀଘ୍ର ସ୍ୱୀକାର କରିବାର ମାନସିକତା ଏବଂ ତୁରନ୍ତ ସଂଶୋଧନ ପାଇଁ ଆଗ୍ରହ ହେଉଛି କିଛି ପ୍ରମୁଖ ସୂଚକ ଯାହା ବର୍ତ୍ତମାନର ବିଜେପିକୁ ଏକ ନିର୍ବାଚନ-ବିଜେତା 'ଜଗରନଟ୍' କରିଥିଲା ଯାହା ବର୍ତ୍ତମାନ ଅତୁଟ ମନେହୁଏ । ତଥାପି, ଏହି ସତ୍ୟକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଚେହେରା ହୁଏତ ବିଜେପିର ସବୁଠାରୁ ଶକ୍ତିଶାଳୀ ଟ୍ରମ୍ପ୍ କାର୍ଡ । ତାଙ୍କଠାରେ ଲୋକମାନେ ଜଣେ ଶକ୍ତିଶାଳୀ ଜନନେତାଙ୍କୁ ଦେଖନ୍ତି ଯିଏ କଂଗ୍ରେସର ବଂଶବାଦୀ ଅଧିକାର ଏବଂ ପରିବାର-ଶାସିତ ଆଂଚଳିକ ଦଳଗୁଡ଼ିକର ଲୌହପରି କଠିନ, ପରିଶ୍ରମ ବିନା ଯୋଗ୍ୟତା ଏବଂ କଠୋର ସାଧନା ମାଧ୍ୟମରେ ପଦରୁ ଉଠିଛନ୍ତି । ଏକ ପ୍ରକାରେ, ନରେନ୍ଦ୍ର ମୋଦୀ ବିଜେପିର ସମର୍ଥକ ହୋଇଯାଇଛନ୍ତି । ମୁଁ ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନ ସମ୍ପର୍କରେ ବଙ୍ଗର ବନ୍ଧୁମାନଙ୍କ ସହିତ କିଛି ଆଲୋଚନା ବାଂଟିବାକୁ ଚାହୁଁଛି । ଯଦିଓ ମୋର ନିଜ ସମ୍ପର୍କୀୟମାନେ ଏବେ ବି କଂଗ୍ରେସ ଦଳକୁ ସମର୍ଥନ କରନ୍ତି ଏବଂ ପଶ୍ଚିମ ବଙ୍ଗରେ କଂଗ୍ରେସର ମାତ୍ର ୨.୯ ପ୍ରତିଶତ ଭୋଟ ଅଂଶର ଅବଦାନ ହାସଲ କରିଥିଲା, ମୋର ଅଧିକାଂଶ ବନ୍ଧୁ ଏବଂ ପରିଚିତ ବ୍ୟକ୍ତି ବିଜେପିକୁ ଭୋଟ ଦେଇଥିଲେ । ନିର୍ବାଚନ ପୂର୍ବରୁ, ମୁଁ ସେମାନଙ୍କୁ ପଚାରିଥିଲି ଯେ ସେମାନେ କେଉଁ ଦଳକୁ ଭୋଟ ଦେବେ । ପ୍ରାୟତଃ ଉତର ଥିଲା ଯେ ସେମାନେ 'ମୋଦୀ'କୁ ଭୋଟ ଦେବେ । ମୁଁ ସେମାନଙ୍କୁ ପୁଣି ଥରେ ସ୍ମରଣ କରାଇ ଦେଇଦେଲି ଯେ ଏହା ଏକ ବିଧାନସଭା ନିର୍ବାଚନ ଏବଂ ମୋଦୀ ଜଣେ ପ୍ରତିଯୋଗୀ ନୁହଁନ୍ତି । ଉତର ସର୍ବଦା 'ଓଇ ଏକ-ଇ ବ୍ୟାପାର' - 'ଏହା ଏକା କଥା'ଥିଲା । ଶ୍ରୀ ନରେନ୍ଦ୍ର ମୋଦୀ କେବଳ ଦେଶର ସବୁଠାରୁ ଦୀର୍ଘ ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ନୁହଁନ୍ତି, ସେ ସ୍ୱାଧୀନତା ପରଠାରୁ ଦେଶ ଦେଖିଥିବା ସବୁଠାରୁ ଶକ୍ତିଶାଳୀ ପ୍ରଧାନମନ୍ତ୍ରୀମାନଙ୍କ ମଧ୍ୟରୁ ଜଣେ । ସେ ଭାରତକୁ ଏକ ଦୃଢ଼ ଏବଂ ସ୍ଥିର ସରକାର ପ୍ରଦାନ କରିପାରିଛନ୍ତି ଯାହା ଏକ ମିଳିତ ସରକାରର ଅସ୍ଥିରତା (ପ୍ରାୟତଃ ବ୍ଲାକମେଲିଂ ରଣନୀତି)ର ଶିକାର ସାଜିନାହିଁ । ତାଙ୍କର ଅନେକ ନୀତି କିମ୍ବା କାର୍ଯ୍ୟଶୈଳୀ ସହିତ କେହି ଅସହମତ ହୋଇପାରେ ଏବଂ ଯାହା ଗଣତନ୍ତ୍ରରେ ସମ୍ପୂର୍ଣ୍ଣ ଠିକ୍; କିନ୍ତୁ କେହି ତାଙ୍କର କରିସ୍ମା, ଭାରତୀୟ ଭୋଟରଙ୍କ ସହିତ ତାଙ୍କର ସମ୍ପର୍କକୁ ଆକାଂକ୍ଷୀ ଭାରତ ପାଇଁ ପ୍ରେରଣା ଭାବରେ ଅସ୍ୱୀକାର କରିପାରିବେ ନାହିଁ । ଏହା ୨୦୧୯ ଏବଂ ପୁଣି ୨୦୨୪ ମସିହା ସାଧାରଣ ନିର୍ବାଚନରେ ପ୍ରତିଫଳିତ ହୋଇଛି । ଆପଣ ନରେନ୍ଦ୍ର ମୋଦୀଙ୍କୁ ଭଲ ପାଆନ୍ତୁ କିମ୍ବା ଘୃଣା କରନ୍ତୁ, କିନ୍ତୁ ଆପଣ କଦାପି 'ବ୍ରାଣ୍ଡ ମୋଦୀ'କୁ ଅଣଦେଖା କରିପାରିବେ ନାହିଁ । ମହାନ୍ ଶକ୍ତି ସହିତ, ଅଧିକ ଦାୟିତ୍ୱ ଆସିଥାଏ । ଜଣେ ସାଧାରଣ ନାଗରିକ ଭାବରେ, ମୁଁ ପ୍ରାର୍ଥନା କରୁଛି ଯେ ସେ ସିଧାସଳଖ ଲୋକଙ୍କ ଦ୍ୱାରା ତାଙ୍କୁ ଦିଆଯାଇଥିବା ବିପୁଳ ଜନାଦେଶକୁ ପୂର୍ଣ୍ଣ ନ୍ୟାୟ କରନ୍ତୁ ଏବଂ ଆମ ଦେଶକୁ ଆହୁରି ଶିଖରରେ ପହଂଚାନ୍ତୁ ।

***(ଲେଖକ ଜଣେ ସ୍ତମ୍ଭକାର ଏବଂ 'ପ୍ରଣବ ମାଇଁ ଫାଦର: ଏ ଡଟର ରିମେମ୍ବର୍ସ' ପୁସ୍ତକର ରଚୟିତା । ସେ ବର୍ତ୍ତମାନ ପ୍ରଣବ ମୁଖାର୍ଜୀ ଲିଗାସି ଫାଉଣ୍ଡେସନ ପରିଚାଳନା କରୁଛନ୍ତି ।)***

# ରଥଯାତ୍ରା ପାଇଁ ପ୍ରଥମ ମକ୍ ଡ୍ରିଲ ଅନୁଷ୍ଠିତ



ପୁରୀ(ନିପ୍ର): ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପର୍ଣ୍ଣ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟ ର ପ୍ରଥମ ମକ ଡ୍ରିଲ ଆଜି ଟାଉନ ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଚଳିତ ରଥଯାତ୍ରାରେ ଅଧିକ ଶ୍ରଦ୍ଧାଳୁ ଙ୍କ ଯୋଗ ଦାନ ଆଶା କରାଯାଉଛି ।ତେଣୁ ଆମକୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି । ପରସ୍ପର ମଧ୍ୟରେ ସୁସମନ୍ୱୟ ଓ ସହଯୋଗ ଦ୍ୱାରା ଆମେ ପ୍ରତ୍ୟେକ ପରିସ୍ଥିତିକୁ ସଫଳ ଭାବେ ମୁକାବିଲା କରିପାରିବା । ପୋଲିସ, ଏନଡିଆରଏଫ, ଓଡ୍ରାଫ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ବେସାମରିକ ପ୍ରତିରକ୍ଷା ବାହିନୀ ପ୍ରଭୃତି ଙ୍କ ସହଯୋଗ ରଥଯାତ୍ରା ରେ ଆମ ସେବା କାର୍ଯ୍ୟ କୁ ଅଧିକ କ୍ରିୟାଶୀଳ କରିବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କହିଥିଲେ । ମକଡ୍ରିଲ ମାଧ୍ୟମରେ କୌଣସି ପରିସ୍ଥିତି ପାଇଁ ଆମେ ଆମର ପ୍ରସ୍ତୁତି ରେ କେତେ ସକ୍ଷମ ଓ ଦକ୍ଷ ଜାଣି ପାରିବା କେଉଁଠାରେ ସମସ୍ୟା ରହୁଛି ବା ତାହାକୁ କିପରି ଆହୁରି ଭଲ ଭାବେ କମ ସମୟ ମଧ୍ୟରେ କରି ପାରିବା ତାହା ମଧ୍ୟ ଆମକୁ ଶିକ୍ଷା ମିଳିବ । ଏହା ପ୍ରଥମ ଓ ଜୁଲାଇ ୧୦ ତାରିଖରେ ଆହୁରି ଥରେ ଏହାର ପୂର୍ବାଭାସ କରିବା ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଏସ୍ ପି ପ୍ରତୀକ ସିଂ କୌଣସି ଘଟଣା ଘଟିଲେ କେତେ କମ ସମୟରେ, କେତେ ସଠିକ ଭାବେ ଆମେ କାର୍ଯ୍ୟ ନିର୍ବାହ କରୁଛନ୍ତି ତାହା ଆମକୁ ଏହି ମକ ଡ୍ରିଲ ରୁ ଶିଖିବାକୁ ମିଳୁଛି । ଏହା ଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲ ଭାବରେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ଶ୍ରୀ ସିଂ କହିଥିଲେ । ଓସଡାମାର ଡି ଜି ଏମ ସୁନୀଲ କୁମାର ସାହୁ ମକ ଡ୍ରିଲ ର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିବା ସହ ମକ ଡ୍ରିଲ ପରିଚାଳନା କରିଥିଲେଏହି ଅବସରରେ ରଥଯାତ୍ରା ର ଏସଓପି ପୁସ୍ତିକା ଉନ୍ମୋଚିତ ହୋଇଥିଲା । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଶେଷରେ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଅକ୍ଷୟ କୁମାର ଶତପଥୀ, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଜଗନ୍ନାଥ ମନ୍ଦିର ସୁରକ୍ଷା ଅଧିକାରୀ ହେମନ୍ତ କୁମାର ପାଢୀ, ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, ସଚିନ ପାଟିଲ, ସୁଶୀଲ କୁମାର ମିଶ୍ର, ଦେବୀ ପ୍ରସାଦ ପ୍ରତାପ, ଏନଡିଆରଏଫ ଡେପୁଟି କମାଣ୍ଡାଂଟ ପ୍ରବୀଣ ଚୌହାନ ବିଭିନ୍ନ ବିଭାଗର ଅଧିକାରୀ, ପୋଲିସ ଅଧିକାରୀ, ସ୍ୱଛାସେବୀ ମାନେ ଏହି ମକଡ୍ରିଲ ରେ ଯୋଗ ଦେଇଥିଲେ । ପରେ ଏନ ଡି ଆର ଏଫ, ଓଡ୍ରାଫ, ଅଗ୍ନିଶମ, ମେଡିକାଲ, ପୋଲିସ, ପରିବହନ ଆମ୍ବୁଲାନ୍ସ, ପୌର ପ୍ରଶାସନ, ସୂଚନା ଇତ୍ୟାଦି ବିଭାଗର ସମ୍ମିଳିତ ମକଡ୍ରିଲ ର କାର୍ଯ୍ୟ କୁ ଇଂଟିଗ୍ରେଟେଡ୍ ନିୟନ୍ତ୍ରଣ କକ୍ଷ ମାଧ୍ୟମରେ ପରିଚାଳନା କରାଯାଇଥିଲା । ରଥଯାତ୍ରା ସମୟରେ କୌଣସି ଘଟଣା ଦୁର୍ଘଟଣା ଘଟିଲେ କିପରି ତାହାର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବରେ କରାଯାଇ ପାରିବ ତାହାର କୌଶଳ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା ।

# ଚାଷୀଙ୍କ ଧାନ କିଣା ନହେଲେ ଧାରଣା ପାଇଁ ଚେତାବନୀ



ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ସେବା ସମବାୟ ସମିତି ଅଧିନରେ ଥିବା ସମସ୍ତ ଚାଷୀ ଗୁରୁବାର ବାଲିଆପାଳ ବ୍ଲକ ଯୋଗାଣ ଅଧିକାରୀଙ୍କୁ ପାଂଚ ଦିନ ମଧ୍ୟରେ ବାକି ପାଂଚ ହଜାର ପାଂଚ ଶହ କ୍ୱିଂଟାଲ ଧାନ କିଣିବାକୁ ଦାବିକରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଚଳିତ ବର୍ଷ ଏହି ସେବା ସମବାୟ ସମିତିରେ ସାତ ହଜାର ପାଂଚ ଶହ କ୍ୟୁଂଟାଲ ଧାନ କିଣିବାକୁ ଧାର୍ଯ୍ୟ ହୋଇ ଥିଲା । ହେଲେ ସେବା ସମବାୟ ସମିତି ସମ୍ପାଦକ ଏଥି ପ୍ରତି ଦୃଷ୍ଟି ନଦେବା ଓ ବହୁ ଦିନ ଧରି ସମବାୟ ସମିତିରେ ଅନୁପସ୍ଥିତ ରହିବା ଯୋଗୁ ଆଜି ଯାଏଁ ମାତ୍ର ଦୁଇ ହଜାର କ୍ୟୁଂଟାଲ ଧାନ କିଣା ଯାଇଛି । ବାକି ପାଂଚ ହଜାର ପାଂଚ ଶହ କ୍ୟୁଂଟାଲ ଧାନ ଚାଷୀ ଙ୍କ ପାଖରେ ପଡି ରହିଛି । ଧାନ କିଣିବା ସମୟ ଆଉ ମାତ୍ର ପାଂଚ ଦିନ ରହିଥିବାରୁ ଆଜି ଦେଭୋଗ ସେବା ସମବାୟ ସମିତିର ସଭାପତି ବୀର କିଶୋର ଭୂୟାଁଙ୍କଙ୍କ ଦିବାକର ନନ୍ଦୀ, ଭୂପତି ଚାରଣ ଦାସ, ଗୋପାଳକୃଷ୍ଣ ଦାସ, ଚିନ୍ମୟ ସାମଲ, ଶ୍ରୀମନ୍ତ ନାୟକ, ଅଭିମନ୍ୟୁ ଗିରି, ହରେନ୍ଦ୍ର ନାଥ ଦେ, ମୃତ୍ୟୁଞ୍ଜୟ ମହାନ୍ତି ଙ୍କ ସହିତ ବୋଡ ମେମ୍ବର, ଚାଷୀ କମିଟି ଓ ଚାଷୀ ଉପସ୍ଥିତ ହୋଇ ବୈଠକରେ ସିଦ୍ଧାନ୍ତ ଅନୁସାରେ ଅଭାବି ଧାନ ବିକ୍ରି ଓ ସେବା ସମବାୟ ସମିତିର ସମ୍ପାଦକ କାର୍ଯ୍ୟାଳୟକୁ ମଦ୍ୟ ପାନ କରିଆସିବା ଓ ଚାଷୀ ଙ୍କୁ କରୁଥିବା ଦୁର୍ବ୍ୟବହାର ବିରୋଧ କରି ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣାଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାଷୀଙ୍କ ବାକି ଥିବା ପାଂଚ ହଜାର ପାଂଚ ଶାହ କ୍ୟୁଂଟାଲ ଧାନ ଯଦି କିଣି ନଯାଏ ତାହେଲେ ଆସନ୍ତା ୨୯ ତାରିଖ ସୋମବାର ଦିନ ଠାରୁ ସେବା ସମବାୟ ସମିତି ସମ୍ମୁଖରେ ସମସ୍ତ ଚାଷୀ, ବୋଡ ସଦସ୍ୟ ଧାରଣା ରେ ବସିବା ସହିତ ଆବଶ୍ୟକ ସ୍ଥଳେ ଆତ୍ମହୁତି ଦେବ ବୋଲି ଚେତାବନୀ ଦେଇଛନ୍ତି ।

# ହୋଟେଲରେ କାମ କରୁଥିବା ୨ ନାବାଳକ ଉଦ୍ଧାର

ସୋର(ନିପ୍ର): ବାଲେଶ୍ୱର ଜିଲା ସୋର ଥାନା ଉତରେଶ୍ୱର ନିକଟରେ ଥିବା ହୋଟେଲ ଶୀତଳ ଛାୟାରୁ ଦୁଇ ନାବାଳକ ଶ୍ରମିକ ଉଦ୍ଧାର କରାଯାଇଛି । ସୂଚନା ଅନୁଯାୟୀ ସୋରରେ ହୋଟେଲ ଶୀତଳ ଛାୟାରେ ଦୀର୍ଘ ଦିନ ଧରି ଶିଶୁ ଶ୍ରମିକ ମାନଙ୍କୁ କାର୍ଯ୍ୟରେ ନିୟୋଜିତ କରୁଥିଲା । ଏହାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିଲା । ଅଭିଯୋଗ ପାଇ ଶ୍ରମ ଏବଂ ଶିଶୁ କଲ୍ୟାଣ କମିଟି ବିଭାଗ କର୍ମଚାରୀ ମାନେ ହୋଟେଲରେ ଚଢ଼ାଉ କରିଥିଲେ । ଉକ୍ତ ହୋଟେଲରେ ଦୁଇ ଜଣ କାମ କରୁଥିବା ଦୁଇ ନାବାଳକ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ । ଉଦ୍ଧାର ହୋଇଥିବା ୨ ନାବାଳକ ଶ୍ରମିକଙ୍କୁ ଶିଶୁ କଲ୍ୟାଣ ଆଶ୍ରମରେ ଛଡା ଯିବାର ସୂଚନା ମିଳିଛି । ସୁଚନା ଥାଉକି ସୋର ଭଳି ସମ୍ବେଦନଶୀଳ ସ୍ଥାନରେ ଏହି ହୋଟେଲ ଭଳି ଅନ୍ୟ କିଛି ହୋଟେଲ ମାନଙ୍କରେ ମଧ୍ୟ ନାବାଳକ ରଖି କାମ କରୁଥିବା ଦେଖୁବାକୁ ମିଳୁଛି । ତେଣୁ ଅନ୍ୟାନ୍ୟ ହୋଟେଲ ପ୍ରଶାସନ ଚଢ଼ାଉ କରିବାକୁ ସାଧାରଣରେ ଦାବି ହେଉଛି ।

# ମହରମ ପର୍ବ ପ୍ରସ୍ତୁତି ନେଇ ଏସ୍‌ପିଙ୍କ ସମୀକ୍ଷା



ଧାମନଗର(ନିପ୍ର): ଧାମନଗର ରେ ଶୁକ୍ରବାର ମୋହରମ ପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଭଦ୍ରକ ଜିଲ୍ଲା ପୋଲିସ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଭଦ୍ରକ ଏସ୍ ?ପି ମୋନଜ ରାଉତ ଗୁରୁବାର ସନ୍ଧ୍ୟାରେ ଧାମନଗର ଥାନାକୁ ଗସ୍ତ କରି ମୋହରମ ଶୋଭାଯାତ୍ରା ଯିବାକୁ ଥିବା ବିଭିନ୍ନ ରାସ୍ତା, ପ୍ରମୁଖ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକର ସୁରକ୍ଷା ସମ୍ପର୍କିତ ନେଇ ଥାନା ଅଧିକାରୀଙ୍କ ସୁବ୍ରଜିତ ଦାସ, ଏସ ଡି ପି ଓ ବିଷ୍ଣୁ ମୋହନ ବାରିକ ସହ ଆଲୋଚନା କରିଥିଲେ । ପରେ ବିଭିନ୍ନ ସ୍ଥାନ ବୋଲି ଦେଖିଥିଲେ । ଗସ୍ତ ସମୟରେ ଏସ୍‌ପି ଧାମନଗର ବଜାର, ବସ୍‌ଷ୍ଟାଣ୍ଡ ଛକ ଏବଂ ଶୋଭାଯାତ୍ରା ମାର୍ଗରେ ଟ୍ରାଫିକ ଚଳାଚଳ ସମ୍ପର୍କରେ ଅନୁଧାନ କରିଥିଲେ । ପର୍ବ ସମୟରେ ଯାନବାହାନ ଏଡ଼ାଇବା, ଭିଡ଼ ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଟ୍ରାଫିକ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୋହରମ ଅବସରରେ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଅଧିକ ପୋଲିସ ମୁତୟନ ସହ ପାଟ୍ରୋଲିଂ ଜୋରଦାର କରାଯିବ ବୋଲି ଆଲୋଚନା ହୋଇଥିଲା । ମୋହରମ ପର୍ବକୁ ଶାନ୍ତିପୂର୍ଣ୍ଣ ଓ ସମ୍ପ୍ରୀତିର ପରିବେଶରେ ପାଳନ କରିବା ପାଇଁ ପ୍ରଶାସନ ସମସ୍ତଙ୍କ ସହଯୋଗ ଲୋଡ଼ିଥିବା ଜଣାପଡ଼ିଛି ।

# ଷ୍ଟପ ଡ଼ାଇରିଆ ଓ ପଲ୍ସ ପୋଲିଓ ଅଭିଯାନ ପାଇଁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ

ଜଗତସିଂହପୁର(ନିପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଜଗତସିଂହପୁର ତରଫରୁ ଚଳିତ ମାସ ଜୁନ ୧୬ ତାରିଖ ଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଷ୍ଟପ ଡାଇରିଆ ଅଭିଯାନ ଏବଂ ଆଗାମୀ ଜୁନ ୨୮,୨୯ ଓ ୩୦ ତାରିଖ ରେ ହେବାକୁ ଥିବା ପଲ୍ସ ପୋଲିଓ ଅଭିଯାନ ପାଇଁ ଜିଲ୍ଲା ସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଜେ. ସୋନାଲ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଦୁଇ ଅଭିଯାନ ର ସଫଳ ରୂପାୟନ ନିମନ୍ତେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହଯୋଗ କାମନା କରିବା ସହ ବ୍ଲକ ସ୍ତରରେ ଏହାର ସଫଳ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ । ଷ୍ଟପ ଡାଇରିଆ ଅଭିଯାନ ୨୦୨୬ ର ବାର୍ତ୍ତା 'ଡାଇରିଆ କୁ କିପରି ରୋକିବା ଜାଣ, ସ୍ୱଛତା ସହ ଓ. ଆର. ଏସ. ଉପରେ ରଖିବା ଧ୍ୟାନ' ଏହି କାର୍ଯ୍ୟକ୍ରମରେ ସମୁଦାୟ ୨,୫୩,୩୩୯ ଗୃହ ଓ ୯୯,୬୨୮ ଜଣ ଜନ୍ମରୁ ୫ବର୍ଷ ର ପିଲାମାନଙ୍କ ପାଇଁ ଆଶା ମାନେ ଘର କୁ ଘର ଯାଇ ଓ ଆର ଏସ ଏବଂ ଜିଙ୍କ ବଟିକା ବଂଟନ କରିବା ସହ ଓ. ଆର. ଏସ ଦ୍ରବଣ ପ୍ରସ୍ତୁତ କରିବାର ପ୍ରଣାଳୀ, ହାତ ସଫା କରିବାର ସୋପାନ, ଜ଼ିଙ୍କ ବଟିକା ର ମାତ୍ରା ଓ ଉପକାରିତା, ସାଧାରଣ ତରଳ ଝାଡା ର ଘରୋଇ ଚିକିତ୍ସା ଏବଂ ଅତି ଗୁରୁତର ଶିଶୁ ଙ୍କୁ ଚିହ୍ନଟ କରିବା ସହ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ର କୁ ତୁରନ୍ତ ପଠାଇବା ପାଇଁ ମା ମାନଙ୍କୁ ପରାମର୍ଶ ଦେଉଛନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବଂ ଅଙ୍ଗନବାଡି ସେ[ର ରେ ମଧ ଓ ଆର ଏସ ଏବଂ ଜିଙ୍କ କକ୍ଷ ଖୋଲା ଯାଇ ସଚେତନତା କାର୍ଯ୍ୟକ୍ରମ କରାଯାଉଅଛି । ଆସନ୍ତା ପଲ୍ସ ପୋଲିଓ କାର୍ଯ୍ୟ କ୍ରମରେ ସମୁଦାୟ ୯୯,୬୨୮ଜଣ ଜନ୍ମରୁ ପାଂଚ ବର୍ଷ ବୟସ ର ପିଲାଙ୍କୁ ଦୁଇ ବୁନ୍ଦା ପୋଲିଓ ଦେବା ପାଇଁ ଲକ୍ଷ୍ୟ ରଖା ଯାଇଅଛି । ଏଥିପାଇଁ ମୋଟ ୫୫୫ ପୋଲିଓ ବୁଥ, ୨୨୨୦ ଜଣ ପଲ୍ସ ପୋଲିଓ ପ୍ରଦାନକାରୀ (ଭାକସିନେଟର), ୧୧୪ ସୁପରଭାଇଜର ଙ୍କୁ ଦାଇତ୍ୱ ଦିଆଯାଇଛି । ଜିଲ୍ଲା ର ମୋଟ ୨,୫୩,୩୩୯ ଘରୁ ଜନ୍ମ ରୁ ପାଂଚ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଦୁଇ ବୁନ୍ଦା ପୋଲିଓ ଖୁଆ ଯିବ । ଏହି କାର୍ଯ୍ୟକ୍ରମରେ ୩୪ ଟି ଟ୍ରାଂଜିଟ ପଏଂଟ ଓ ୨୧ ଟି ମୋବାଇଲ ଟିମ ଗଠନ କରାଯାଇଛି । ଏହି ଦୁଇ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବ୍ଲକସ୍ତର ର ଅଧିକାରୀ ମାନଙ୍କ ସହ ଆଲୋଚନା କରାଗଲା । ବ୍ଲକ ସ୍ତର ରେ ବିଡ଼ିଓ ଙ୍କ ଦ୍ୱାରା ବ୍ଲକ ସ୍ତରୀୟ ଟାସ୍କ ଫୋର୍ସ ସଭା କରାଯାଇଛି । ଏହି ଜିଲ୍ଲା ସ୍ତରୀୟ ବୈଠକ ରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରିଣୀ ଡା. ସ୍ନିଗ୍ଧାମୟୀ ମହାନ୍ତି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସୁପରିନ୍‌ଟେଣ୍ଡେଂଟ ଡା. ସରୋଜ କୁମାର ଜେନା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ବାରିକ, ଅନ୍ୟାନ୍ୟ ସମସ୍ତ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର, ଜିଲ୍ଲା ଆକାଉଂଟ ମ୍ୟାନେଜର, ଡି ଡି ଏମ, ଡି ଏମ ଆର ସି ଏଚ, ଏପି ଡେମି ଓଲୋଜିଷ୍ଟ, ଜିଲ୍ଲାସ୍ତରୀୟ ଅନ୍ୟବିଭାଗ ର ଅଧିକାରୀମାନେ, ଜିଲ୍ଲା ର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଟେଣ୍ଡେଂଟ ଓ ପ୍ରୋଗ୍ରାମ ମ୍ୟାନେଜର ଙ୍କ ସହ ଅନ୍ୟାନ୍ୟ ଜିଲ୍ଲା ସ୍ୱାସ୍ଥ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲାପାଳ ଜିଲ୍ଲା ରେ ଏହି ଦୁଇ ଅଭିଯାନ କୁ ଶତପ୍ରତିଶତ ସଫଳ କରିବାକୁ ସମସ୍ତ ଅଧିକରୀଙ୍କୁ ପରାମର୍ଶ ଦେଇଥିଲେ ।





# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ



ବ୍ରହ୍ମପୁର / ଛତ୍ରପୁର(ନି.ପ୍ର.): ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଆଜି ସ୍ଥାନୀୟ ରଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି. କୀର୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ୱାସ୍ଥ୍ୟ ସେବାର ଗୁଣବତା ବୃଦ୍ଧି, ଗ୍ରାମୀଣ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି, ଟିକାକରଣ ଅଭିଯାନ, ଗର୍ଭବତୀ ମହିଳା ଏବଂ ମାତୃ-ଶିଶୁ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା ।

ଜିଲ୍ଲାପାଳ କହିଥିଲେ ଯେ, ଜନବହୁଳ ଗଞ୍ଜାମ ଜିଲ୍ଲାରେ ସମସ୍ତଙ୍କ ପାଖରେ ଉନ୍ନତମାନର ସ୍ୱାସ୍ଥ୍ୟ ସେବା ପହଂଚାଇବା ପାଇଁ ଯୋଜନାବଦ୍ଧ ପଦକ୍ଷେପ ନିଆଯାଉଛି । ଉପଲବ୍ଧ ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ କ୍ଷେତ୍ରସ୍ତରରେ ଆଶାନୁରୂପ ସେବା ପ୍ରଦାନ କରିବା ଦିଗରେ ସମସ୍ତଙ୍କ ଆନ୍ତରିକ ଓ ସମନ୍ୱିତ ପ୍ରୟାସ ଆବଶ୍ୟକ । ସ୍ୱାସ୍ଥ୍ୟ ସେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜନସେବା ହୋଇଥିବାରୁ ଏଥିରେ କୌଣସି ପ୍ରକାରର ଅବହେଳାକୁ ସହ୍ୟ କରାଯିବ ନାହିଁ । ଏପରି ଘଟଣା ଦେଖାଦେଲେ 'ଶୂନ୍ୟ ସହନଶୀଳତା' ନୀତି ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଟିକାକରଣ କାର୍ଯ୍ୟକ୍ରମରେ ମା', ଶିଶୁ ଓ ବରିଷ୍ଠ ନାଗରିକମାନଙ୍କ ଅନୁପସ୍ଥିତି ହ୍ରାସ କରିବା ପାଇଁ ଗ୍ରାମାଂଚଳରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଉପ-ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଆବଶ୍ୟକ ଔଷଧ ଏବଂ ଚିକିତ୍ସା ଉପକରଣର ଉପଲବ୍ଧତା ସୁନିଶ୍ଚିତ କରିବା ସହିତ ଜିଲ୍ଲାସ୍ତରରେ ନିରୀକ୍ଷଣ ଦଳ ଗଠନ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ନିୟମିତ ପ୍ରଶିକ୍ଷଣ ଆୟୋଜନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ମାତୃ-ଶିଶୁ ସୁରକ୍ଷା ପାଇଁ ଗର୍ଭାବସ୍ଥାରେ ଯତ୍ନ, ପୋଷଣ ଏବଂ ଚିକିତ୍ସା ପରାମର୍ଶ ସେବାକୁ ଅଧିକ ସୁଦୃଢ଼ କରିବା, ଡେଙ୍ଗୁ ଓ ମ୍ୟାଲେରିଆ ଭଳି ରୋଗର ପ୍ରତିରୋଧ ଏବଂ ପୂର୍ବ ସଚେତନତା କାର୍ଯ୍ୟକ୍ରମକୁ ତୀବ୍ରତର କରିବା, ଆଶାକର୍ମୀଙ୍କ କାର୍ଯ୍ୟର ନିୟମିତ ତଦାରଖ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରିଚାଳନା ସୂଚନା ପ୍ରଣାଳୀ ଏବଂ ଗର୍ଭଧାରଣ ଓ ଶିଶୁ ଟ୍ରାକିଂ ବ୍ୟବସ୍ଥା ୨.୦ରେ ପଞ୍ଜୀକରଣ, ଉପଖଣ୍ଡ ଚିକିତ୍ସାଳୟ ଓ ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର କାର୍ଯ୍ୟଦକ୍ଷତା, ଆୟୁଷ୍ମାନ ଭାରତ–ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଡ ବିତରଣ, କୁଷ୍ଠ ରୋଗର ସମ୍ପୂର୍ଣ୍ଣ ନିରାକରଣ, ଗର୍ଭବତୀ ମହିଳାଙ୍କ ପଞ୍ଜୀକରଣ ଏବଂ ଜନନୀ ଏକ୍ସପ୍ରେସ ଓ ଆମ୍ବୁଲାନ୍ସ ସେବାର ଉପଯୁକ୍ତ ବ୍ୟବହାର ଭଳି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ଏହି ସମୀକ୍ଷା ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ, ଜନସ୍ୱାସ୍ଥ୍ୟ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ ଏବଂ ବିଭିନ୍ନ ବେସରକାରୀ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ବୈଠକରେ ବ୍ଲକସ୍ତରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ସାପ୍ତାହିକ କିମ୍ବା ପାକ୍ଷିକ ଭିତିରେ ଅନୁଧ୍ୟାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ସହିତ ଜନସଚେତନତା କାର୍ଯ୍ୟକ୍ରମଗୁଡ଼ିକରେ କ୍ଷେତ୍ରସ୍ତରର ସ୍ୱାସ୍ଥ୍ୟକର୍ମୀଙ୍କ ସହ ଜନପ୍ରତିନିଧି ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ସାମିଲ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଥିଲା ।ସ୍ୱାସ୍ଥ୍ୟ ସେବାକୁ ଅଧିକ ପ୍ରଭାବଶାଳୀ, ଗୁଣାତ୍ମକ ଓ ଜନମୁଖୀ କରିବା ଦିଗରେ ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଓ ପରାମର୍ଶ ଉପସ୍ଥାପିତ ହୋଇଥିଲା ।

# ଆସିକା ଚିନି କଳର ସଂସ୍କାର ଓ ଆଧୁନିକୀକରଣ ପାଇଁ ପୁନର୍ବାର ଅନୁରୋଧ କଲେ ସାଂସଦ

ବ୍ରହ୍ମପୁର(ନି.ପ୍ର.): ଆସନ୍ତା ଜୁଲାଇ ୪ ତାରିଖରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଓଡ଼ିଶା ଗସ୍ତରେ ଆସି ରାଜ୍ୟର ତିନୋଟି ପ୍ରମୁଖ ସମବାୟ ଚିନି କଳ (ନୟାଗଡ଼, ବଡ଼ମ୍ବା ଓ ବଲାଙ୍ଗୀର)ର ପୁନରୁଦ୍ଧାର ଓ ନବୀକରଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରିବାକୁ ଯାଉଥିବା ନେଇ ପ୍ରକାଶିତ ଖବରକୁ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ସ୍ୱାଗତ କରିଛନ୍ତି । ଏହି ପଦକ୍ଷେପ ଓଡ଼ିଶାର ଚାଷୀକୂଳ ଏବଂ ସମବାୟ କ୍ଷେତ୍ର ପାଇଁ ଏକ ଦୂରଦୃଷ୍ଟିସମ୍ପନ୍ନ ଓ ଐତିହାସିକ ନିଷ୍ପତି ବୋଲି ସେ ପ୍ରକାଶ କରିଛନ୍ତି ।

ଏହି ପରିପ୍ରେକ୍ଷୀରେ, ସାଂସଦ ଡ. ପାଣିଗ୍ରାହୀ କେନ୍ଦ୍ର ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କୁ ଏକ ସ୍ୱତନ୍ତ୍ର ପତ୍ର ଲେଖି ଏସିଆର ସର୍ବପୁରାତନ ସମବାୟ ଅନୁଷ୍ଠାନ—ଗଞ୍ଜାମ ଜିଲ୍ଲାର 'ଆସିକା ସମବାୟ ଚିନି ଶିଳ୍ପ ଲିମିଟେଡ୍' ର ସାମଗ୍ରିକ ସଂସ୍କାର ଏବଂ ପ୍ରଯୁକ୍ତିବିଦ୍ୟାର ପରିବର୍ତନ ପାଇଁ ଜରୁରୀକାଳୀନ ଭିତିରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି । ସାଂସଦ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଆସିକା ଚିନି କଳ ଦକ୍ଷିଣ ଓଡ଼ିଶାର ହଜାର ହଜାର ଆଖୁ ଚାଷୀଙ୍କ ଅର୍ଥନୈତିକ ମେରୁଦଣ୍ଡ । ବର୍ତମାନ ଏହାର ଭିତିଭୂମି ପୁରୁଣା ହୋଇଯାଇଥିବାରୁ ଏହାର ସାମଗ୍ରିକ ନବୀକରଣ ଏବଂ ଆଧୁନିକୀକରଣ ନିତାନ୍ତ ଆବଶ୍ୟକ । ପୂର୍ବରୁ ଗତ ମାର୍ଚ୍ଚ ୧୨, ୨୦ ୨୬ ରିଖରେ ସେ ଏହି ଚିନି କଳକୁ ଏକ ବହୁ-ଉତ୍ପାଦ ବିଶିଷ୍ଟ ବାୟୋ-ରିଫାଇନେରୀ (ଗଙ୍କଷପ୍ପସ-କ୍ତ୍ରକ୍ବକ୍ଟୟଙ୍କମପ୍ସ ଭସକ୍ଟ-କ୍ସରଲସଭରକ୍ସଙ୍ଗ ଛକ୍ଟୟରକ୍ଷ) ତଥା ଗ୍ରୀନ୍ ଏନର୍ଜି ହବ୍ ?ରେ ରୂପାନ୍ତରିତ କରିବା ପାଇଁ କେନ୍ଦ୍ର ମନ୍ତ୍ରୀଙ୍କୁ ସବିଶେଷ ପ୍ରସ୍ତାବ ପଠାଇଥିଲେ ।ମାନ୍ୟବର ଗୃହ ଓ ସମବାୟ ମନ୍ତ୍ରୀଙ୍କ ଆସନ୍ତା ଜୁଲାଇ ୪ ତାରିଖ କାର୍ଯ୍ୟକ୍ରମ ସହିତ ଆସିକା ଚିନି କଳର ଆଧୁନିକୀକରଣ ପ୍ରସ୍ତାବକୁ ଅଗ୍ରାଧିକାର ଭିତିରେ ସାମିଲ କରାଗଲେ, ଏହା ଗଞ୍ଜାମ ତଥା ସମଗ୍ର ଦକ୍ଷିଣ ଓଡ଼ିଶାର କୃଷକମାନଙ୍କ ଜୀବିକାକୁ ସୁରକ୍ଷିତ କରିବା ସହ ଦେଶର ସମବାୟ ଆନ୍ଦୋଳନରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ସାଂସଦ ଡ. ପାଣିଗ୍ରାହୀ ଦୃଢ଼ ଆଶା ବ୍ୟକ୍ତ କରିଛନ୍ତି ।

# ଡାଇରିଆର ନିରାକରଣ ଅଭିଯାନ ଜୁନ ୧୬ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ



କଟକ : (ନି. ପ୍ର.) ବର୍ଷା ଋତୁରେ ଡାଇରିଆ ଆଦି ଜଳବାହିତ ରୋଗକୁ ଦୃଷ୍ଟିରେ ରଖି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ପୁଷ୍ପିତା ମହାନ୍ତି ସୂଚନା ଦେଇଛନ୍ତି ଯେ ,ଡାଇରିଆର ସମ୍ଭାବ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର କୁ ସତର୍କ କରାଯାଇଛି । ଜିଲ୍ଲାର ସମସ୍ତ ଅଂଚଳରେ ଏହି ଅଭିଯାନ ଆସନ୍ତା ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଆଶାକର୍ମୀମାନେ ଘରକୁ ଘର ବୁଲି ପ୍ରତ୍ୟେକ ଘରେ ୨ଟି ଓଆରଏସ ପାଉଡର ପ୍ରଦାନ କରିବେ ଓ ଯେଉଁ ଘରେ ୫ବର୍ଷ ବୟସର ପିଲା ଥିବେ ତାଙ୍କୁ ଆଉ ଗୋଟିଏ ଓଆରଏସ ପ୍ୟାକେଟ ଓ ୨ଟି ଜିଙ୍କ ବଟିକା ବ[ନ କରିବେ । ଏଥି ସହ ବିଦ୍ୟାଳୟରେ ଓ ପରିବାର ସଦସ୍ୟ ମାନଙ୍କୁ ହାତ ଧୋଇବାର ଶୈଳୀ ଓ ଓଆରଏସର ପ୍ରସ୍ତୁତି ସହ ବୟସ ଅନୁସାରେ ସେବନ ଓ କେତେ ସମୟ ରହିବ ସେ ସମ୍ପର୍କରେ ବୁଝାଇବେ । ଜିଲ୍ଲାରେ ୫ବର୍ଷର ପିଲା ସଂଖ୍ୟା ୧,୫୩,୯୭୭ ଜଣଙ୍କୁ ଏହି ଡାଇରିଆ ନିରାକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର,ମେଡିକାଲ ମାନଙ୍କରେ ଓଆରଏସ କର୍ଣ୍ଣର କରାଯାଇ ଲୋକମାନଙ୍କୁ ସଚେତନ କରାଯାଉଛି । ଏହା ବ୍ୟତିତ ଜୁନ ୨୮ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଜନ୍ମରୁ ୫ବର୍ଷର ପିଲାମାନଙ୍କୁ ପଲସ୍ ପୋଲିଓ ବୁନ୍ଦା ଦିଆଯିବ । ପ୍ରଥମ ଦିନ ୧୧୫୬ଟି ବୁଥ ଓ ପରଦିନ ଘର ଘର ବୁଲି କାର୍ଯ୍ୟକ୍ରମ କରାଯିବ । ଡାଇରିଆର କୌଣସି ଲକ୍ଷଣ ଦେଖାଦେଲେ ତୁରନ୍ତ ଓଆରଏସ୍ ସେବନ କରିବା ସହ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିବାକୁ ପରାମର୍ଶ ଦିଆଯାଇଛି । ଏହି ଅବସରରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଗଗନ ବିହାରୀ ପତି , ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଚିନ୍ତାମଣି ମିଶ୍ର ,ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଲେପ୍ରୋସୀ ଡଃ ଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳାଙ୍କ ପାଇଁ ଅପରିଚିତ ଯୁବକ ସାଜିଲେ ଦେବଦୂତ

ନୀଳଗିରି,(ନି.ପ୍ର.)):ଜୈନିକ ମହିଳାଙ୍କ ମାଆ ଅସୁସ୍ଥ ଥିବାରୁ ତାଙ୍କୁ ନୀଳଗିରି ହସ୍ପିଟାଲ କୁ ଚିକିତ୍ସା ପାଇଁ ନେଉଥିବା ବେଳେ ଭ୍ୟାନିଟି ବ୍ୟାଗରେ ଥିବା ସୁନା, ରୁପା ଗହଣା, ଏଟିମ କାର୍ଡ ଓ ନଗଦ ଟଙ୍କା ବ୍ୟାଗ ଟି ରାସ୍ତାରେ ଖସାଇ ଦେଇଥିଲେ ।ଉକ୍ତ ବ୍ୟାଗ ଟିକୁ ଜଣେ ବିଦ୍ୟୁତ୍ ବିଭାଗ ର କର୍ମଚାରୀ ପାଇ ଦେବଦୂତ ସାଜି ଆଜି ପୋଲିସ ଉପସ୍ଥିତରେ ଉକ୍ତ ମହିଳାଙ୍କୁ ତାଙ୍କର ଭେନିଟ ବ୍ୟାଗ କୁ ଫେରାଇଛନ୍ତି ।ଯୁବକଙ୍କ ଏପରି ମାନବିକତା ପାଇଁ ନୀଳଗିରିରେ ଚର୍ଚ୍ଚା ବିଷୟ ହୋଇଛି ।ସୂଚନାଯୋଗ୍ୟ ନୀଳଗିରି ଥାନା ଅଧିନ ମଲ୍ଲିଆଣି ଗ୍ରାମର ମୁକ୍ତିକାନ୍ତ ବେହେରା ଙ୍କ ସ୍ତ୍ରୀ ଶକୁନ୍ତଳା(୨୫)ଗତ୨୦ତାରିଖ ଦିନ ଅପରାହ୍ନ୨.୨୦ମିନିଟ ସମୟ ରେ ତାଙ୍କ ମାଆ ଝୁମୁରୀ ନାୟକ ଦେହ ଅସୁସ୍ଥ ଥିବାରୁ ତାଙ୍କୁ ନେଇ ନୀଳଗିରି ହସ୍ପିଟାଲ କୁ ଯାଉଥିଲା ବେଳେ ଅସାବଧାନତା ହେତୁ ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରେ ନିଜର ଭ୍ୟାନିଟି ବ୍ୟାଗ କୁ ଖାସାଇଥିଲେ ।ମାଆଙ୍କୁ ହସ୍ପିଟାଲ ରେ ଭର୍ତି ପରେ ତାଙ୍କର ବ୍ୟାଗ କଥା ମନେ ପଡିବାରୁ ଖୋଜା ଖୋଜି କରିଥିଲେ ।କିନ୍ତୁ ଭେନିଟି ବ୍ୟାଗଟି ନପାଇବାରୁ ଶକୁନ୍ତଳା ଏନେଇ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ ।ଅପରପକ୍ଷରେ ବରହମପୁର ବିଦୁତ୍ୟୁ ସେକ୍ସନ ରେ ଲାଇନ ମ୍ୟାନ ଭାବେ କାର୍ଯ୍ୟରତ ଥିବା ଜଳେଶ୍ୱର ବ୍ଲକ ଅଧିନସ୍ଥ ଗଡ଼ସାହି ବାଲିଆ ଗ୍ରାମର ରାମଚନ୍ଦ୍ର ମହାଲିକ ଙ୍କ ପୁତ୍ର ଶଙ୍କର(୩୯)ଡ୍ୟୁଟି ରୁ ଭଡ଼ା ଘରକୁ ଫେରୁଥିଲା ବେଳେ ଭ୍ୟାନିଟି ବ୍ୟାଗ ଟି ପାଇ ସ୍ଥାନୀୟ ଲୋକଓ ଦୋକାନୀ ପଚାରିଥିଲେ ମଧ୍ୟ ଭେନିଟି ବ୍ୟାଗ ବିଷୟରେ କେହି କିଛି କହିପାରିନଥିଲେ । ଶ୍ରୀ ମଲ୍ଲିକ ରହୁଥିବା ଭଡା ଘରକୁ ଯାଇ ଭ୍ୟାନି ଟି ବ୍ୟାଗ ଖୋଲିଲା ବେଳକୁ ତାହା ଭିତରେ ୪ଟି ସୁନା ମୁଦି,୫ଟି ରୂପା ମୁଦି,୨ଟି ଏଟିମ କାର୍ଡ ଓ ନଗଦ ୫ହଜାର ୧୦ଟଙ୍କା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ।ପରେ ଘର ମାଲିକ ଜଣେ ବ୍ୟାଙ୍କ କର୍ମଚାରୀ ହୋଇଥିବାରୁ ଉକ୍ତ ଏଟିମରୁ ନମ୍ବର ବାହାର କରି ଉକ୍ତ ମହିଳା ଓ ସ୍ୱାମୀଙ୍କୁ ଯୋଗା କରିବା ପରେ ଘଟଣା ସମ୍ପର୍କରେ ଶଙ୍କର ପୋଲିସ କୁ କହିଥିଲେ ।ଆଜି ପୂର୍ବାହ୍ନ ୧୧ ଟାଘଟିକା ସମୟରେ ଭାରପ୍ରାପ୍ତଏସ୍ ଡିପିଓ ତଥା ଅତିରିକ୍ତ ଏସପି ପ୍ରମୋଦ କୁମାର ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ, ଏସଆଇ ନଳିନୀ ଜେନା,ଏଏସଆଇ ଶ୍ରୀନିବାସ ରାଉତ ପ୍ରମୁଖ ଙ୍କ ଉପସ୍ଥିତିରେ ଗହଣା ପାଇଥିବା ଯୁବକ ଶଙ୍କର ମହାଲିକ ଗହଣା ହଜିଥିବା ମହିଳା ଶକୁନ୍ତଳା ନାୟକଙ୍କୁ ସମସ୍ତ ଗହଣା, ଏଟିଏମ,ଓ ନଗଦ ଟଂକା ଫେରସ୍ତ କରିଛନ୍ତି ।ଯୁବକ ଶଙ୍କର ଏପରି କାର୍ଯ୍ୟକୁ ନେଇ ଶକୁନ୍ତଳା ନାୟକ କହିଛନ୍ତି ଦେବ ଦୂତ ସାଜି ଶଙ୍କର ଭାଇ ମୋର ହଜିଥିବା ସମସ୍ତ ଜିନିଷ ଫେରସ୍ତ କରିଥିବାରୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି ।ଅପରପକ୍ଷରେ ପୋଲିସ ପକ୍ଷରୁ ଅତିରିକ୍ତ ଏସପି ଯୁବକ ଶଙ୍କର ଏପିରି କାର୍ଯ୍ୟ ସମାଜ ପାଇଁ ଉଦାହରଣ ବୋଲି କହିଛନ୍ତି ।

# ଚେକ ବାଉନ୍ସ ମାମଲାରେ ମୁଦାଲା ଦଣ୍ଡିତ

ନୀଳଗିରି,(ନି.ପ୍ର.):ଏକ ଚେକ ବାଉନ୍ସ ମାମଲାରେ ନୀଳଗିରି ମାନ୍ୟବର ଏସଡିଜେଏମ କୋର୍ଟ ମୁଦାଲାକୁ ଦୋଷୀ ସାବ୍ୟସ୍ତ କରି ଜେଲ ଦଣ୍ଡା ଦେଶ ସମେତ କ୍ଷତି ପୂରଣ ଦେବାକୁ ରାୟ ପ୍ରକଶ କରିଛନ୍ତି ।ସୂଚନାଯୋଗ୍ୟ ନୀଳଗିରି ବ୍ଲକ ଅଧିନସ୍ଥ ବରହମପୁର ଗ୍ରାମର ରସାନନ୍ଦ ସାହୁ ଙ୍କ ପୁତ୍ର ଜୟନ୍ତ କୁମାର ସାହୁ ଏକ ପିକଅପ ଭ୍ୟାନ କିଣିବା ପାଇଁ ୨୦୨୦ ଜୁଲାଇ ମାସରେ ୧୦ଲକ୍ଷ୪୬ହଜାର ଟଙ୍କା ଧାର ସୂତ୍ରରେ ଉକ୍ତ ଗ୍ରାମର ବସନ୍ତ ଚୌଧୁରୀ ଙ୍କ ଝିଅ ସତ୍ୟଭାମା ଚୌଧୁରୀ ଠାରୁ ନେଇ ଟଙ୍କା ସୁଝିନଥିଲେ ।ଉକ୍ତ ଗ୍ରାମରେ ଭଦ୍ର ବ୍ୟକ୍ତି ମାନଙ୍କୁ ଉକ୍ତ ଘଟଣା ଜଣାଇବା ପରେ ୧୫-୦୭-୨୦୨୩ରିଖରେ ୪ଗୋଟି ପୋଷ୍ଟ ଡେଟେଡ ଚେକ ପ୍ରଦାନ କରିଥିଲେ ।ସେଥି ମଧ୍ୟରୁ ପିଏନବି ବରହମପୁର ଶାଖା ର ଚେକ ନମ୍ବର ୬୯୯୩୮୭, ତାରିଖ ୫-୦୮-୨୦୨୩, ବ୍ୟାଙ୍କରେ ଜମା କରିବାରେ ଉକ୍ତ ଚେକ ଟି ବାଉନ୍ସ ହୋଇଯାଇଥିଲା । ନୀଳଗିରି ଏସଡିଜେଏମ କୋର୍ଟରେ ଆଇ. ସି.ସି – ୯୪/୨୦୨୩ ମୋକଦ୍ଦମା ଆଗତ କରିଥିଲେ ।ଉକ୍ତ କେଶ ଶୁଣାଣି କରି ମାନ୍ୟବର ଏସଡ଼ିଜେଏମ ମୋନାଲିସା ପଣ୍ଡା ଆଜି ମୁଦାଲାଙ୍କୁ ଏକ ବର୍ଷ ଜେଲ ଦଣ୍ଡାଦେଶ ସହିତ କ୍ଷତି ପୂରଣ ବାବଦ କୁ ୨ ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ନିର୍ଦ୍ଦେଶ ଦେବା ସହ କ୍ଷତି ପୂରଣ ଅନାଦେୟ ପାଇଁ ତିନିମାସ ଜେଲ ଦଣ୍ଡାଦେଶ କରିବାକୁ ରାୟ ପ୍ରକାଶ କରିଛନ୍ତି ।ଉକ୍ତ ମୋକଦ୍ଦମା କୁ ମୁଦେଇଙ୍କ ପକ୍ଷରୁ ବରିଷ୍ଠ ଆଇନୀଜୀବି ଅମେରେନ୍ଦ୍ର ପଟନାୟକ ପରିଚାଳନା କରୁଥିବା ବେଳେ ଆଇନିଜୀବି ଅମୀୟ କୁମାର ନାୟକ ଓ ବିନୟ କୁମାର ପ୍ରଧାନ ପରିଚାଳନା ରେ ସହଯୋଗ କରିଥିଲେ ।

# ଅର୍ଥନୀତିରେ କ୍ୟାରିଅର ସୁଯୋଗ ଉପରେ ଏକଦିବସୀୟ କର୍ମଶାଳା



ଝାରସୁଗୁଡ଼ା,(ନି.ପ୍ର.) : ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଝାରସୁଗୁଡ଼ାର ଅର୍ଥନୀତି ବିଭାଗ ପକ୍ଷରୁ "ଅର୍ଥନୀତିରେ କ୍ୟାରିଅର ସୁଯୋଗ" ଶୀର୍ଷକ ଏକ ଏକଦିବସୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଗୀତାରାଣୀ ଦୀକ୍ଷିତ ଏହି କର୍ମଶାଳାକୁ ଉଦ୍ ?ଘାଟନ କରି ଛାତ୍ରଛାତ୍ରୀମାନଙ୍କୁ ଅର୍ଥନୀତି ବିଷୟର ବ୍ୟାପକ କ୍ଷେତ୍ର ଓ ଏଥିରେ ଥିବା ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ ଅବଗତ କରାଇଥିଲେ ।

ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରଫେସର ତପନ କୁମାର ବାରିକ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପିକା ଡ. ଶୁଭଲକ୍ଷ୍ମୀ ବାରିକ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ ପ୍ରଦାନ କରିଥିଲେ । ମଂଚାସୀନ ଅତିଥି ଭାବେ ବରିଷ୍ଠ ପ୍ରାଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଓ ପ୍ରାଧ୍ୟାପକ ବ୍ରଜେଶ କୁମାର ସାହୁ ଉପସ୍ଥିତ ଥିଲେ ।ମୁଖ୍ୟ ବକ୍ତା ଭାବେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ସର୍ବେଶ୍ୱର ପ୍ରଧାନ, ଓ.ପି. ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିର ସହକାରୀ ଅଧ୍ୟାପକ ଡ. ଆଶିଷ କୁମାର ସା ଏବଂ ବ୍ରଜରାଜନଗର କଲେଜର ଅର୍ଥନୀତି ଅଧ୍ୟାପକ ହରିଶଙ୍କର ପାଣ୍ଡେ ଅର୍ଥନୀତି କ୍ଷେତ୍ରରେ ଉଚ୍ଚଶିକ୍ଷା, ଗବେଷଣା, ସରକାରୀ ଓ ବେସରକାରୀ ଚାକିରି, ତଥ୍ୟ ବିଶ୍ଳେଷଣ, ବ୍ୟାଙ୍କିଙ୍ଗ, ଅର୍ଥନୈତିକ ପରାମର୍ଶ ଏବଂ ନୀତି ନିର୍ଦ୍ଧାରଣ ଭଳି ବିଭିନ୍ନ କ୍ୟାରିଅର ସୁଯୋଗ ଉପରେ ଆଲୋକପାତ କରିଥିଲେ ।ଆଲୋଚନା ପର୍ବରେ ପଂଚାୟତ କଲେଜ, ବରଗଡ଼ର ସହକାରୀ ଅଧ୍ୟାପିକା ସୁଶ୍ରୀ ଖୁଲଣା ମଲ୍ଲିକ, ଦେବଗଡ଼ କଲେଜର ଅଧ୍ୟାପିକା ଡ. ବବିତା ବାଞ୍ଜି, ଡ. ସ୍ମୃତି ପୂଜା ଦାଶ, ଅଧ୍ୟାପକ ରକି ବିଶ୍ୱାଳ ଏବଂ ବିଭାଗର ବର୍ତମାନ ଓ ପୂର୍ବତନ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜ ମତାମତ ଓ ଅନୁଭୂତି ବ୍ୟକ୍ତ କରିଥିଲେ । ଅଧ୍ୟାପିକା ଶେଫାଳୀ ଦେବୀ ସମଗ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିବାବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ



ନୀଳଗିରି, (ନି.ପ୍ର.)ଏକ ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଏକ ମାତ୍ର ପୁଅକୁ ହରେଇ ଦୁଃଖ ରେ ଭାଙ୍ଗି ପଡ଼ିଛନ୍ତି ବାପା ମାଆ ଓ ପରିବାର ବର୍ଗ । ସୂଚନା ଯୋଗ୍ୟ ନୀଳଗିରି ଏନଏସି ୧୦ନମ୍ବର ୱାର୍ଡ଼ କାହାଲିଆ ଗ୍ରାମର ରବୀନ୍ଦ୍ର ପାତ୍ର ଓରଫ କାଳିଆ ଙ୍କ ଏକ ମାତ୍ର ପୁଅ ପ୍ରିୟାଂଶୁ ପାତ୍ର (୧୯) ଓ ତାଙ୍କ ସାଙ୍ଗ ଏକ ବାଇକ ଯୋଗେ ଗତ ୧୯ତାରିଖ ଶୁକ୍ରବାର ରାତ୍ରି ପ୍ରାୟ ୯ଘଟିକା ୩୦ ମିନିଟ୍ ସମୟରେ ନୀଳଗିରି ବଜାରରୁ କାର୍ଯ୍ୟ ସାରି ରାଇଗାଁ – କାହାଲିଆ ରାସ୍ତା ରେ ଘରକୁ ଫେରୁଥିବା ବେଳେ କାହାଲିଆ ତେନ୍ତୁଳି ଛକ ନିକଟରେ ହଠାତ୍ ଏକ ଦୁଇଟି କୁକୁର ବାହାରିପଡିବାରୁ ଦୁର୍ଘଟଣା ଘଟିଥିଲା । ଉକ୍ତ ଦୁର୍ଘଟଣାରେ ଗାଡି ଚଳାଉଥିବା ତାଙ୍କ ସାଙ୍ଗ ବାଇକ୍ କୁ ଆୟତ ନକରିବାରୁ ବାଇକ୍ ଚାଳକ ଅଳ୍ପକେ ବର୍ତି ଥିବା ବେଳେ ପଛରେ ବସିଥିବା ପ୍ରିୟାଂଶୁ ପିଚ ଉପରେ ଛିଟିକି ପଡ଼ିବାରୁ ମୁଣ୍ଡରେ ଗଭୀର ଆଘାତ ହୋଇ ସଂଜ୍ଞାହୀନ ହୋଇଥିଲେ । ତ୍ୱେ ପ୍ରଥମେ ନୀଳଗିରି ମେଡିକାଲ ଓ ପରେ ରେମୁଣା ମେଡିକାଲ କୁ ନିଆଯାଇଥିଲା । ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ ମେଡିକାଲ, ପରେ ଅଶ୍ୱିନୀ ଟ୍ରୋମା କେୟାର ରେ ଭର୍ତି କରାଯାଇଥିଲା । ଗତକାଲି ସେନ୍ସ ଫେରିଥିବା ବେଳେ ଗୁରୁବାର ଦିବା ୧ଘଟିକା ୨୩ ମିନିଟ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପରେ କଟକ ଏସସିବି ରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ଏନେଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । ଖବର ପାଇ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ପୁର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ସାଂସଦ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ସମେତ ନୀଳଗିରି ର ବହୁ ସାମ୍ବାଦିକ କାହାଲିଆ ସ୍ଥିତ ବାସଭବନ ରେ ଶେଷ ଦର୍ଶନ କରିବା ସହ ତାଙ୍କ ଶବାଧାରରେ ମାଲ୍ୟାର୍ପନ କରିଥିଲା ବେଳେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

# ବଳି ପଡ଼ିଲା ବିକାଶ: ଧାମନଗରରେ ଉଦ୍‌ଘାଟନ ପୂର୍ବରୁ ଫାଟିଲା ସେତୁର ସୁରକ୍ଷା ପାଚେରୀ

ଧାମନଗର(ନି.ପ୍ର.) ବିକାଶ ନାଁରେ କିଭଳି ସରକାରୀ ଅର୍ଥର ହରିଲୁଟ୍ ଚାଲିଛି ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ଆଖି ସାମ୍ନାରେ କିପରି ଖୋଲାଖୋଲି ନିମ୍ନମାନର କାମ ହେଉଛି, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଧାମନଗର ବ୍ଲକ ଖଡ଼ିପଦା ପଂଚାୟତରେ । ମୁଥାନଗର-ଖଡ଼ିପଦା ପଂଚାୟତ ଅଫିସ ରାସ୍ତାରେ ଭୋଲା ବେହେରା ନାଳ ଉପରେ ନିର୍ମାଣାଧୀନ ସେତୁର କାର୍ଯ୍ୟ ଶେଷ ନହେଉଣୁ ଏହାର ଆପ୍ରୋଚ ରୋଡ ସୁରକ୍ଷା ପାଚେରି ଭାଙ୍ଗି ଦୁଇ ଫାଳ ହୋଇଯାଇଛି । ସରକାରୀ କାର୍ଯ୍ୟାଦେଶ ଅନୁଯାୟୀ ଏହି କାମ ପ୍ରାୟ ୧୫ ମାସ ପୂର୍ବରୁ ସରିବା କଥା, କିନ୍ତୁ ଏବେ ସୁଦ୍ଧା କାମ ଅଧାପନ୍ତରିଆ ହୋଇ ପଡ଼ିଥିବା ବେଳେ ଯେତିକି କାମ ହୋଇଛି ତାହା ମଧ୍ୟ ଅତ୍ୟନ୍ତ ନିମ୍ନମାନର ବୋଲି ପ୍ରମାଣିତ ହୋଇଛି ।ରାଜ୍ୟ ସରକାରଙ୍କ 'ସେତୁ ବନ୍ଧନ ଯୋଜନା' ଅଧୀନରେ ୪ କୋଟି ୮୮ ଲକ୍ଷ ୩୩ ହଜାର ୩୮୪ ଟଙ୍କା ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ ହେଉଛି । ଏହି ସେତୁଟି ଖଡ଼ିପଦା ପଂଚାୟତ ଅଫିସ ସମେତ ବେଦପୁର, ମୁଥାନଗର ଏବଂ ବୈକୁଣ୍ଠି ଆଦି ଗାଁକୁ ଯୋଡ଼ିବା ସହ ଦୋବଲ, ଧାମନଗର, ଭଦ୍ରକ ଏବଂ ଯାଜପୁର ଟାଉନକୁ ଯାତାୟାତ ପାଇଁ ଏକ ସୁବିଧାଜନକ ରାସ୍ତା ସୃଷ୍ଟି କରିବ । ଦୈନିକ ୫୦୦୦ରୁ ଅଧିକ ଲୋକ ନିର୍ଭର କରୁଥିବା ଏହି ସେତୁର ଅବସ୍ଥା ଏବେ ସ୍ଥାନୀୟ ବାସିନ୍ଦାଙ୍କୁ ଭୟଭୀତ କରିଛି । ଗ୍ରାମ୍ୟ ନିର୍ମାଣ ବିଭାଜନ-୨, ଭଦ୍ରକର ଅଧୀକ୍ଷଣ ଯନ୍ତ୍ରୀଙ୍କ ତଦାରଖରେ ଏହି କାମ ହେଉଥିବା ବେଳେ ସେମାନଙ୍କ ଦାୟିତ୍ୱହୀନତା ବର୍ତମାନ ପଦାରେ ପଡ଼ିଛି । ପ୍ରକଳ୍ପ ନକ୍ସା ଅନୁଯାୟୀ, ୩୩.୨୧ ମିଟର ଲମ୍ବ ଏବଂ ୭.୫୦ ମିଟର ଚଉଡ଼ା ବିଶିଷ୍ଟ ଏହି ସେତୁ ନିର୍ମାଣରେ ଆରସିସି ଏମ୍-୩୦ ଏବଂ ଏମ୍-୩୫ ଉଚ୍ଚ ଗ୍ରେଡ୍ ?ର କଂକ୍ରିଟ୍ ମିକ୍ସ ବ୍ୟବହାର କରିବାକୁ ନିର୍ଦ୍ଦେଶ ରହିଛି । ହେଲେ କାନ୍ଥ ଫାଟିବାର ମୁଖ୍ୟ ବୈଷୟିକ କାରଣ ଖୋଜିଲେ ଠିକାଦାରଙ୍କ ଖାମଖିଆଲି ମନୋଭାବ ସାମ୍ନାକୁ ଆସୁଛି । ଆପ୍ରୋଚ୍ ରୋଡ୍ ନିର୍ମାଣ ବେଳେ ବାଲି ଫିଲିଂ ବଦଳରେ ପଇସା ବଂଚାଇବା ପାଇଁ ଠିକାଦାର କେବଳ ସାଧାରଣ ମାଟି ଭର୍ତି କରିଦେଲେ । ମାଟିକୁ ସ୍ତର ସ୍ତର କରି ରୋଲିଂ ବା କମ୍ପାକ୍ସନ କରାଗଲା ନାହିଁ । ବର୍ଷା ହେବା ଫଳରେ ଏହି ମାଟି ପାଣି ଶୋଷି ଓଜନଦାର ହେଲା ଏବଂ କାନ୍ଥ ଉପରେ ପ୍ରବଳ ପାର୍ଶ୍ୱବର୍ତୀ ପକାଇଲା । କାନ୍ଥରେ ପାଣି ବାହାରିବା ପାଇଁ ଆବଶ୍ୟକୀୟ ୱିପ୍ ହୋଲ୍ ମଧ୍ୟ ନଥିବାରୁ, ଚାପ ସମ୍ଭାଳି ନପାରି ନିମ୍ନମାନର କଂକ୍ରିଟ ରେ ତିଆରି ଏହି କାନ୍ଥ ମୂଳ ଗଠନ ରୁ ଛିଣ୍ଡି ଆଡ଼େଇ ହୋଇଗଲା ବୋଲି କୁହାଯାଉଛି ।

ଏତେ ବଡ଼ ବୈଷୟିକ ତ୍ରୁଟି ଏବଂ ଖୋଲାଖୋଲି ଦୁର୍ନୀତି ହେଉଥିବା ବେଳେ ବିଭାଗୀୟ ଦାୟିତ୍ୱ ପ୍ରାପ୍ତ ଯନ୍ତ୍ରୀମାନେ କିପରି ସବୁ ଜାଣିଶୁଣି ନଜରଅନ୍ଦାଜ କଲେ, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସାମାନ୍ୟ ମାଟି ଚାପରେ ଯଦି କାନ୍ଥ ଭାଙ୍ଗିଯାଉଛି, ତେବେ ପୋଲ ଉପରେ ଭାରୀ ଯାନ ଚାଲିଲେ ଲୋକଙ୍କ ଜୀବନ କେତେ ସୁରକ୍ଷିତ ? ଏହି ଦୁର୍ନୀତିର ତୁରନ୍ତ ଏକ ଉଚ୍ଚସ୍ତରୀୟ ବୈଷୟିକ ତଦନ୍ତ କରା ଯିବାକୁ ସ୍ଥାନିୟ ଅଂଚଳ ର ଜନ ସାଧାରଣ ଦାବି କରିଛନ୍ତି । ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି ଯେ, ଦୁଇଦିନ ମଧ୍ୟ ରେ ଘଟଣା ର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବା ।

# ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କଲେ ଆମାଜନର ସିଇଓ ଆଣ୍ଡି ଜାସି



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମାଜନର ସିଇଓ ଆଣ୍ଡି ଜାସି ସାକ୍ଷାତ କରିଛନ୍ତି । ଆସନ୍ତା ପାଂଚ ବର୍ଷରେ ଆମାଜନ ଭାରତରେ ୪୮ ବିଲିଅନ ଡଲାର ନିବେଶ କରିବାକୁ ଯାଉଛି । ସେଥିରୁ ୨୧ ବିଲିଅନ ଡଲାର କୃତ୍ରିମ ବୁଦ୍ଧିମତା (ଏଆଇ) ଓ କ୍ଲାଉଡ୍ ଭିତିଭୂମିରେ ନିବେଶ କରାଯିବ । ଭାରତରେ ଆମାଜନର ରେକର୍ଡ ନିବେଶକୁ ମୋଦୀ ସ୍ୱାଗତ କରିଛନ୍ତି । ତାହା ଆମ ଯୁବପିଢ଼ିଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ । ଭାରତରେ ନିବେଶ କରିବାକୁ ସାରା ବିଶ୍ୱର ନିବେଶକମାନଙ୍କ ମଧ୍ୟରେ ବିପୁଳ ଆଗ୍ରହ ରହିଥିବା ଏହି ନିବେଶରୁ ଜଣାପଡୁଛି ବୋଲି ମୋଦୀ କହିଛନ୍ତି । ଶ୍ରୀ ଜାସି କହିଛନ୍ତି ଯେ ୨୦୩୦ ସୁଦ୍ଧା କମ୍ପାନି ୩୮ ନିୟୁତ ନିଯୁକ୍ତିକୁ ସହଯୋଗ କରିବା ଓ ୮୦ ବିଲିଅନ ଡଲାରର ଇ-କମର୍ସ ରପ୍ତାନି ଲକ୍ଷ୍ୟ ହାସଲ କରିବା ଦିଗରେ କାର୍ଯ୍ୟ କରିବ । କମ୍ପାନିର ଏଆଇ ପଦକ୍ଷେପ ଦ୍ୱାରା ୧୫ ନିୟୁତ କ୍ଷୁଦ୍ର ବ୍ୟବସାୟ ଓ ୪ ନିୟୁତ ସରକାରୀ ସ୍କୁଲର ଛାତ୍ରଛାତ୍ରୀ ଉପକୃତ ହେବେ ବୋଲି ସେ କହିଛନ୍ତି ।

# ମୌସୁମୀ ପ୍ରଭାବରେ ଉତର-ଦକ୍ଷିଣ ଓଡ଼ିଶାରେ ବର୍ଷା : ପାଣିପାଗ ବିଭାଗ

ଭୁବନେଶ୍ୱର : ମୌସୁମୀ ପ୍ରଭାବରେ ରାଜ୍ୟର ଉତର ଓ ଦକ୍ଷିଣ ଓଡ଼ିଶାରେ ଭଲ ବର୍ଷା ହେବ । ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ଭାରି ବର୍ଷା ଆଶଙ୍କା ଥିବାରୁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଗୁରୁବାର ଉତର ଓ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ଆଶଙ୍କା ଅଛି । ଦକ୍ଷିଣ ଓଡ଼ିଶାରେ ବର୍ଷା ସହିତ ପବନ ବି ବହିପାରେ । ଶୁକ୍ରବାର ଉତର ଓଡ଼ିଶା, ଦକ୍ଷିଣ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଓଡ଼ିଶାର ବହୁ ସ୍ଥାନରେ ବର୍ଷା ହୋଇପାରେ । ନୂଆପଡ଼ା, ବଲାଙ୍ଗୀର ଓ କଳାହାଣ୍ଡିରେ ଭାରି ବର୍ଷା ଆଶଙ୍କା ଅଛି । ୨୭ ଓ ୨୮ ତାରିଖରେ ଦକ୍ଷିଣ ଓ ଉତର ଓଡ଼ିଶା ସମେତ ଉପକୂଳ ଓଡ଼ିଶାର ଏକାଧିକ ସ୍ଥାନରେ ବିକ୍ଷିପ୍ତ ବର୍ଷା ହୋଇପାରେ । ଜଗତସିଂହପୁର ଓ ନୂଆପଡ଼ାରେ ତାପମାତ୍ରା ସର୍ବାଧିକ ୩୯ ଡିଗ୍ରୀ ରେକର୍ଡ ହୋଇଛି । ଅନୁଗୁଳରେ ୩୮.୧, ନୟାଗଡ଼ ଓ ତାଳଚେରରେ ୩୮ ଓ ଭୁବନେଶ୍ୱରରେ ୩୭.୮ ଡିଗ୍ରୀ ରେକର୍ଡ ହୋଇଛି ।





# ଜରୁରୀକାଳୀନ ପରିସ୍ଥିତିରେ ଲୋକଙ୍କ ସ୍ୱାଧୀନତା ବିଷୟରେ ପ୍ରବନ୍ଧ ସେୟାର କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କ ଦ୍ୱାରା ଲିଖିତ ଏକ ପ୍ରବନ୍ଧ ସେୟାର କରିଛନ୍ତି, ଯାହା ଜରୁରୀକାଳୀନ ପରିସ୍ଥିତି ଏବଂ ଏହା କିପରି ଲୋକଙ୍କ ସ୍ୱାଧୀନତା ଏବଂ ଆକାଂକ୍ଷାକୁ ପ୍ରଭାବିତ କରିଥିଲା । ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ ଏହି ପ୍ରବନ୍ଧରେ ଗୁରୁତ୍ୱ ଦିଆଯାଇଛି ଯେ ସେବା ପର୍ବ ଏବଂ ଆଜାଦୀ କା ଅମୃତ ମହୋତ୍ସବ ଭଳି ସରକାରଙ୍କ ପଦକ୍ଷେପଗୁଡ଼ିକ ଐତିହାସିକ ସଚେତନତାକୁ ପ୍ରୋତ୍ସାହିତ କରି, ସାଂସ୍କୃତିକ ସ୍ମୃତିକୁ ସଂରକ୍ଷଣ କରି ଏବଂ ଜାତୀୟତା ଭାବନାକୁ ଗଭୀର କରି ସାମ୍ବିଧାନିକ ମୂଲ୍ୟବୋଧକୁ ସୁଦୃଢ଼ କରିଥାଏ । ଯେତେବେଳେ ଦେଶ #SamvidhanHatyaDiwas ପାଳନ କରୁଛି, କେନ୍ଦ୍ର ମନ୍ତ୍ରୀ ଶ୍ରୀ @gssjodhpur ଜରୁରୀକାଳୀନ ପରିସ୍ଥିତି ଏବଂ ଏହା କିପରି ଲୋକଙ୍କ ସ୍ୱାଧୀନତା ଏବଂ ଆକାଂକ୍ଷାକୁ ପ୍ରଭାବିତ କରିଥିଲା ସେ ବିଷୟରେ ପ୍ରତିଫଳିତ କରନ୍ତି । ସେ ଗୁରୁତ୍ୱାରୋପ କରନ୍ତି ଯେ ସେବା ପର୍ବ ଏବଂ ଆଜାଦୀ କା ଅମୃତ ମହୋତ୍ସବ ଭଳି ସରକାରଙ୍କ ପଦକ୍ଷେପଗୁଡ଼ିକ ଐତିହାସିକ ସଚେତନତାକୁ ପ୍ରୋତ୍ସାହିତ କରି, ସାଂସ୍କୃତିକ ସ୍ମୃତିକୁ ସଂରକ୍ଷଣ କରି ଏବଂ ଜାତୀୟ ସମ୍ପର୍କର ଭାବନାକୁ ଗଭୀର କରି ସାମ୍ବିଧାନିକ ମୂଲ୍ୟବୋଧକୁ ସୁଦୃଢ଼ କରିଥାଏ ।

# ୨୦୨୩ ଓ ୨୦୨୪ ବର୍ଷ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୩ ଓ ୨୦୨୪ ବର୍ଷ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ମନୋନୀତ ବ୍ୟକ୍ତିବିଶେଷଙ୍କୁ ଶୁଭେଚ୍ଛା ଜଣାଇ ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ୨୦୨୩ ଓ ୨୦୨୪ ବର୍ଷ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ମନୋନୀତ ହୋଇଥିବା ସମସ୍ତ ଚଳଚ୍ଚିତ୍ର ଓ କଳା, ସଂସ୍କୃତି ଓ ସମୃଦ୍ଧ ପରମ୍ପରା ଅତ୍ୟନ୍ତ ବ୍ୟାପକ । ମୋର ବିଶ୍ୱାସ, ଆମ ମାଟିର ଏହି ଅନନ୍ୟ ଐତିହ୍ୟ ଏବଂ ମୌଳିକ କାହାଣୀକୁ ନେଇ ଆଗାମୀ ଦିନରେ ଏହିପରି ଅଧିକରୁ ଅଧିକ ଚଳଚ୍ଚିତ୍ର ନିର୍ମାଣ ହେବ । ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ସମସ୍ତ ପ୍ରଯୋଜକ, ନିର୍ଦ୍ଦେଶକ, ଲେଖକ ଓ କଳାକାରମାନେ ଆମ ମାଟିର



ବ୍ୟକ୍ତିବିଶେଷମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଆପଣମାନଙ୍କର ଏହି ସାରସ୍ୱତ ସାଧନା ଆମ ସିନେମା ଜଗତ ପାଇଁ ଗର୍ବର ବିଷୟ । ଓଡ଼ିଶାର କାହାଣୀକୁ ନେଇ ନୂତନ ପ୍ରୟାସ କରନ୍ତୁ ଏବଂ ଓଡ଼ିଆ ସିନେମାକୁ ସମୃଦ୍ଧ କରନ୍ତୁ । ସମସ୍ତ ପୁରସ୍କାର ବିଜେତାଙ୍କ ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

# ପୁରୀରେ ନିର୍ମାଣ ହେବ ୧୦୦୦ ଆସନ ବିଶିଷ୍ଟ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର: ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର

ଭୁବନେଶ୍ୱର : ପବିତ୍ର ଶ୍ରୀକ୍ଷେତ୍ର ପୁରୀର ଭିତିଭୂମି ବିକାଶ କ୍ଷେତ୍ରରେ ଏକ ବଡ଼ ଘୋଷଣା କରିଛନ୍ତି ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର । ପୁରୀକୁ ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ବୃହତ ଜନସମାବେଶ ପାଇଁ ଏକ ପ୍ରମୁଖ ସ୍ଥଳ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ସେଠାରେ ୧୦୦୦ ଆସନ ବିଶିଷ୍ଟ ଏକ ଅତ୍ୟାଧୁନିକ ବହୁମୁଖୀ ସମ୍ମିଳନୀ କେନ୍ଦ୍ର ନିର୍ମାଣ କରାଯିବ । ବିଭାଗ ପକ୍ଷରୁ "ବିକଶିତ ଓଡ଼ିଶା ପାଇଁ ଜନ ଭାଗିଦାରୀ: ସଶକ୍ତ ନାଗରିକ - ସମାବେଶୀ ସହର - ସ୍ଥାୟୀ ସହରାଂଚଳ ଭବିଷ୍ୟତ" ଆଭିମୁଖ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ସହରାଂଚଳ ଜନସମ୍ପର୍କ କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ପ୍ରସ୍ତାବିତ ପ୍ରକଳ୍ପକୁ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ଏବଂ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିବା ଭଳି ସ୍ଥାନ ଭାବେ ପରିକଳ୍ପନା କରାଯାଇଛି । ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମିଳନୀ, ଶିକ୍ଷାଗତ ତଥା ବୃତିଗତ ଆଲୋଚନାଚକ୍ର, ସାଂସ୍କୃତିକ ମହୋତ୍ସବ, ସରକାରୀ କାର୍ଯ୍ୟକ୍ରମ ଏବଂ ସାମାଜିକ ସମାବେଶ ଆଦି ଆୟୋଜନ କରାଯାଇପାରିବ । ଏହି ପ୍ରକଳ୍ପ ଦ୍ୱାରା ପୁରୀରେ ଏକ ବୃହତ ଓ ଆଧୁନିକ ପ୍ରେକ୍ଷାଳୟର ବହୁ ପ୍ରତୀକ୍ଷିତ ଆବଶ୍ୟକତା ପୂରଣ ହେବ ବୋଲି ଆଶା କରାଯାଉଛି । ଭାରତର ଅନ୍ୟତମ ତୀର୍ଥ କ୍ଷେତ୍ର ତଥା ଏକ ପ୍ରମୁଖ ବିଶ୍ୱ ପର୍ଯ୍ୟଟନ ସ୍ଥଳୀ ଭାବେ ପୁରୀର ସ୍ୱତନ୍ତ୍ର ପରିଚୟକୁ ରେଖାଙ୍କିତ କରି ଡଃ ମହାପାତ୍ର କହିଛନ୍ତି ଯେ, ସହରର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଏବଂ ସହରାଂଚଳ ଭିତିଭୂମି ତଥା ଜନସାଧାରଣଙ୍କ ସୁବିଧା ସୁଯୋଗକୁ ସୁଦୃଢ଼ କରିବା ଦିଗରେ ଏହି ସମ୍ମିଳନୀ କକ୍ଷ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହି ପ୍ରକଳ୍ପର ଶୀଘ୍ର ରୂପାୟନ ପାଇଁ ଆବଶ୍ୟକ ପ୍ରଶାସନିକ ପ୍ରକ୍ରିୟା ଏବଂ ପ୍ରାଥମିକ ପ୍ରସ୍ତୁତି କାର୍ଯ୍ୟକୁ ପ୍ରାଥମିକତା ଭିତିରେ ଆରମ୍ଭ କରିବାକୁ ମନ୍ତ୍ରୀ, ପୁରୀ ମହାନଗର ନିଗମର କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରୀ ଆହୁରି ମଧ୍ୟ ସୂଚନା ଦେଇଛନ୍ତି ଯେ, ଓଡ଼ିଶାର ବିଭିନ୍ନ ପୌରସଂସ୍ଥା ଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏଭଳି ବହୁମୁଖୀ ଭିତିଭୂମି ସୃଷ୍ଟି କରିବା ପାଇଁ ରାଜ୍ୟ ସରକାର ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି ।



ଏହି ପଦକ୍ଷେପ ସହରାଂଚଳର ସୁବିଧା ସୁଯୋଗକୁ ସୁଦୃଢ଼ କରିବ, ଗୋଷ୍ଠି ସହଭାଗିତାକୁ ପ୍ରୋତ୍ସାହିତ କରିବ ଏବଂ ଦ୍ରୁତ ଗତିରେ ବଢୁଥିବା ସହରାଂଚଳ ଜନସଂଖ୍ୟାର ଆବଶ୍ୟକତାକୁ ପୂରଣ କରିବ । ଏହି ସମାରୋହରେ ଉପସ୍ଥିତ ଥିବା ଜନପ୍ରତିନିଧି, ନାଗରିକ ଏବଂ ବିଭିନ୍ନ ଅଂଶୀଦାରମାନେ ଏହି ଘୋଷଣାକୁ ସ୍ୱାଗତ କରିବା ସହ ପ୍ରସ୍ତାବିତ ସମ୍ମିଳନୀ କକ୍ଷ ଶ୍ରୀକ୍ଷେତ୍ରର ରୂପରେଖରେ ଏକ ଯୁଗାନ୍ତକାରୀ ପରିବର୍ତନ ଆଣିବ ବୋଲି ମତବ୍ୟକ୍ତ କରିଛନ୍ତି । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏକ ପ୍ରମୁଖ ଜନ କଲ୍ୟାଣକାରୀ ଭିତିଭୂମି ଭାବେ ଉଭା ହେବ, ଯାହା ପୁରୀର ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନ ଗୌରବକୁ ଆହୁରି ବଢ଼ାଇବ । ଏହାସହ ଓଡ଼ିଶାର ସ୍ଥାୟୀ, ସମାବେଶୀ ଏବଂ ନାଗରିକ-କୈନ୍ଦ୍ରିକ ସହରୀ ବିକାଶର ପରିକଳ୍ପନାକୁ ସାକାର କରିବାରେ ବିଶେଷ ସହାୟକ ହେବ ।

# ଭୁବନେଶ୍ୱର -ଲୋକମାନ୍ୟ ତିଲକ ମଧ୍ୟରେ ସ୍ପେଶାଲ୍ ଟ୍ରେନ୍ ଚଳାଇବ ପୂର୍ବତଟ ରେଳପଥ

ଭୁବନେଶ୍ୱର : ଯାତ୍ରୀମାନଙ୍କ ଯାତ୍ରାକୁ ସୁବିଧାଜନକ କରିବା ଏବଂ ଅତିରିକ୍ତ ଭିଡ଼କୁ ହ୍ରାସ କରିବା ପାଇଁ, ପୂର୍ବତଟ ରେଳପଥ, ଭୁବନେଶ୍ୱର ଏବଂ ଲୋକମାନ୍ୟ ତିଲକ ଟର୍ମିନସ୍ ମଧ୍ୟରେ ଏକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତି ନେଇଛି ।ଏହା କେବଳ ଗୋଟିଏ ପାର୍ଶ୍ୱରୁ ଅର୍ଥାତ ଭୁବନେଶ୍ୱର ଠାରୁ ଲୋକମାନ୍ୟ ତିଲକ ଟର୍ମିନସ୍ ମଧ୍ୟରେ ଯାତ୍ରା ସମାପ୍ତ କରିବ । ଟ୍ରେନ୍ ନମ୍ବର ୦୮୪୦୭ ଭୁବନେଶ୍ୱର-ଲୋକମାନ୍ୟ ତିଲକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ୨୬ ଜୁନ୍ ୨୦୨୬ ରେ (ଶୁକ୍ରବାର) ରାତି ୧୧ :୦୦ ଘଂଟାରେ ଭୁବନେଶ୍ୱରରୁ ଛାଡିବ ଏବଂ ୨୮ ଜୁନ୍, ୨୦୨୬ ରେ



ସକାଳ ୦୯:୦୦ ଘଂଟାରେ ଲୋକମାନ୍ୟ ତିଲକରେ ପହଂଚିବ । କୋଚ୍ ସଂରଚନା - ଏସି ୨-ଟାୟାର୍ – ୦୩ କୋଚ୍ , ଏସି ୩-ଟାୟାର୍ – ୦୪ କୋଚ୍ , ସ୍ଲିପର କ୍ଲାସ – ୦୯ କୋଚ୍ , ଲଗେଜ୍-ସହ-ଜେନେରେଟର-ସହ-ବ୍ରେକ୍ ଭ୍ୟାନ୍ (ଦିବ୍ୟାଙ୍ଗ ଅନୁକୂଳ): ୦୨ କୋଚ୍ । ଯାତ୍ରୀମାନଙ୍କୁ ସମୟସୂଚୀ ପ୍ରତି ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନର ସଦ୍ୟତମ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ ନ୍ୟାସନାଲ୍ ଟ୍ରେନ୍ ଏନକ୍ୱାରୀ ସିଷ୍ଟମ୍ ପରିଦର୍ଶନ କରିପାରିବେ କିମ୍ବା ଅଫିସିଆଲ୍ ରେଳବାଇ ଅନୁସନ୍ଧାନ ସେବାର ବ୍ୟବହାର କରିପାରିବେ ।

# କ୍ଲିନିକାଲ୍ ଏଷ୍ଟାବ୍ଲିସମେଂଟ ଆଇନରେ ଜନ ବିଶ୍ୱାସ ସଂସ୍କାର; ଅନୁପାଳନ ଭାର ହ୍ରାସ ଓ ନିୟାମକ ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ

ନୂଆଦିଲ୍ଲୀ : କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ୨୨ ଜୁନ୍ ୨୦୨୬ରେ କ୍ଲିନିକାଲ୍ ଏଷ୍ଟାବ୍ଲିସମେଂଟସ୍ (ପଞ୍ଜୀକରଣ ଓ ନିୟମନ) ଅଧିନିୟମ, ୨୦୧୦ର ସଂଶୋଧନ ଅଧିସୂଚନା ଜାରି କରିଛନ୍ତି । ଏହା ଜନବିଶ୍ୱାସ (ବ୍ୟବସ୍ଥାଗୁଡ଼ିକର ସଂଶୋଧନ) ଅଧିନିୟମ, ୨୦୨୬ ଅନୁଯାୟୀ କରାଯାଇଛି, ଯାହା ୮ ଏପ୍ରିଲ୍ ୨୦୨୬ରେ ସରକାରୀ ଗେଜେଟ୍ରେ ପ୍ରକାଶିତ ହୋଇଥିଲା । ଏହି ସଂସ୍କାରଗୁଡ଼ିକର ଉଦ୍ଦେଶ୍ୟ ହେଉଛି ସମଗ୍ର ଦେଶରେ ରୋଗୀଙ୍କ ସୁରକ୍ଷା ଏବଂ ସ୍ୱାସ୍ଥ୍ୟସେବାର ଗୁଣବତା ବଜାୟ ରଖିବା ପୂର୍ବକ ବିଶ୍ୱାସ-ଆଧାରିତ ଶାସନକୁ ପ୍ରୋତ୍ସାହିତ କରିବା, ନିୟମ ଅନୁପାଳନର ବୋଝକୁ ହ୍ରାସ କରିବା, ବ୍ୟବସାୟ କରିବା ପ୍ରକ୍ରିୟାକୁ ସହଜ କରିବା ଏବଂ ସମାନୁପାତିକ ନିୟାମକ ପ୍ରବର୍ତନ ସୁନିଶ୍ଚିତ କରିବା । ଜନବିଶ୍ୱାସ (ବ୍ୟବସ୍ଥାଗୁଡିକର ସଂଶୋଧନ) ଅଧିନିୟମ, ୨୦୨୬ ମାଧ୍ୟମରେ ୨୩ଟି ମନ୍ତ୍ରଣାଳୟ ଏବଂ ବିଭାଗ ଅଧୀନରେ ଥିବା ୭୯ଟି କେନ୍ଦ୍ରୀୟ ଆଇନର ବିଭିନ୍ନ ବ୍ୟବସ୍ଥାକୁ ଯୁକ୍ତିସଂଗତ ଓ ସରଳ କରାଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଥିବା ୫ଟି ଅଧିନିୟମର ୩୫ଟି ବ୍ୟବସ୍ଥାରେ ସଂଶୋଧନ କରାଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ଛୋଟ ମୋଟ ପ୍ରକ୍ରିୟାଗତ ତ୍ରୁଟି ବା ନିୟମ ଉଲ୍ଲଂଘନକୁ ଅପରାଧ ଶ୍ରେଣୀରୁ ବାହାର କରିବା ଏବଂ ନାଗରିକ-କୈନ୍ଦ୍ରିକ ନିୟାମକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା । କ୍ଲିନିକାଲ୍ ଏଷ୍ଟାବ୍ଲିସମେଂଟସ୍ ଅଧିନିୟମ, ୨୦୧୦ ଅଧୀନରେ ଅଧିସୂଚନା ଜାରି କରାଯାଇଥିବା ସଂଶୋଧନଗୁଡ଼ିକ ଏହି ବ୍ୟାପକ ସଂସ୍କାର ପ୍ରୟାସର ଏକ ଅଂଶ, ଯାହାକି ଏକ ଅଧିକ ସହଯୋଗୀ ଏବଂ ସରଳ ନିୟାମକ ବ୍ୟବସ୍ଥା




ତିଆରି କରିବା ପାଇଁ ଉଦ୍ଦିଷ୍ଟ । ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ଅଧିନିୟମର ଧାରା ୪୦, ୪୩ ଏବଂ ୪୬ରେ 'ଜରିମାନା' ଶବ୍ଦ ବଦଳରେ 'ପେନାଲ୍ଟି' ଶବ୍ଦ ବ୍ୟବହାର କରାଯାଇଛି । ଏହାଦ୍ୱାରା ନିୟମ ଉଲ୍ଲଂଘନ ମାମଲାଗୁଡ଼ିକୁ ଅପରାଧିକ ମକଦ୍ଦମା ପରିବର୍ତେ ପ୍ରଶାସନିକ ନିଷ୍ପତି ମାଧ୍ୟମରେ ସମାଧାନ କରାଯାଇପାରିବ । କମ୍ପାନୀଗୁଡିକ ଦ୍ୱାରା ହେଉଥିବା ନିୟମ ଉଲ୍ଲଂଘନ ପାଇଁ ଧାରା ୪୪ରେ ସଂଶୋଧନ କରାଯାଇ କ୍ରମିକ ଏବଂ ସମାନୁପାତିକ ପେନାଲ୍ଟିର ବ୍ୟବସ୍ଥା କରାଯାଇଛି, ଯାହାଫଳରେ ନିୟମ ଉଲ୍ଲଂଘନର ପ୍ରକୃତି ଓ ଗୁରୁତ୍ୱକୁ ଦେଖି ହିଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାବାଦ୍, ଧାରା ୪୧ ଅଧୀନରେ ଥିବା ବିଚାରକ କର୍ତୃପକ୍ଷ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଇଛି ଏବଂ ଏହାର ପରିସରକୁ ଧାରା ୪୦, ୪୩ ଏବଂ ୪୪ ଅଧୀନରେ ହେଉଥିବା ପ୍ରକ୍ରିୟା ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯାଇଛି, ଯାହାଦ୍ୱାରା ଏକ ସ୍ୱଚ୍ଛ, ଦକ୍ଷ ଏବଂ ଉତରଦାୟୀ ନିୟାମକ ପ୍ରବର୍ତନ ସହଜ ହୋଇପାରିବ । ଏହି ସଂଶୋଧନଗୁଡ଼ିକରେ ଏକ ସୁବ୍ୟବସ୍ଥିତ ବିଚାର ପ୍ରକ୍ରିୟା ମଧ୍ୟ ପ୍ରଦାନ କରାଯାଇଛି, ଯେଉଁଥିରେ ପେନାଲ୍ଟି ଲଗାଇବା ପୂର୍ବରୁ ପକ୍ଷ ରଖିବାର ସୁଯୋଗ, ପେନାଲ୍ଟି ଆଦାୟ କରିବାର ପ୍ରଣାଳୀ ଏବଂ ପ୍ରଭାବିତ ପକ୍ଷଙ୍କ ପାଇଁ ଅପିଲ୍ କରିବାର ଏକ ବ୍ୟବସ୍ଥା ସାମିଲ ରହିଛି । ଏହି ପଦକ୍ଷେପଗୁଡ଼ିକ ଦ୍ୱାରା ସ୍ୱେଚ୍ଛାରେ ନିୟମ ପାଳନକୁ ପ୍ରୋତ୍ସାହନ ମିଳିବ, ଅନାବଶ୍ୟକ ମକଦ୍ଦମା ହ୍ରାସ ପାଇବ ଏବଂ ଛୋଟ ମୋଟ ପ୍ରକ୍ରିୟାଗତ ତ୍ରୁଟି କ୍ଷେତ୍ରରେ ସମାନୁପାତିକ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ ହେବ; ଏହା ସହିତ କ୍ଲିନିକାଲ୍ ପ୍ରତିଷ୍ଠାନଗୁଡ଼ିକ ଉପରେ ସରକାରୀ ତଦାରଖ ମଧ୍ୟ ବଜାୟ ରହିବ ।

# ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟରେ ସାଇ ସୁଦର୍ଶନଙ୍କ ଶତକ

ମୁମ୍ବାଇ : ସାଇ ସୁଦର୍ଶନ ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚରେ ଶତକ କରିଛନ୍ତି । ସେ ଇଣ୍ଡିଆ ଏ ଲାଗି ଖେଳୁଥିବାବେଳେ ଏହି ଶତକ ହାସଲ କରିଛନ୍ତି । ଇଣ୍ଡିଆ ଏ ଏବଂ ଶ୍ରୀଲଙ୍କା ଏ ମଧ୍ୟରେ ପ୍ରଥମ ଅନଅଫିସିଆଲ୍ ଟେଷ୍ଟ ମ୍ୟାଚ୍ ଗାଲେରେ ଖେଳାଯାଉଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଟିମ୍ ଇଣ୍ଡିଆ ଲାଗି ସାଇ ସୁଦର୍ଶନ ଶତକ ଲଗାଇଛନ୍ତି । କିନ୍ତୁ ଦେବଦତ ପଡ଼ିକ୍କଲ ଏବଂ ଋତୁରାଜ ଗାୟକୱାଡ଼ ଭଳି ନାମୀ ବ୍ୟାଟର ଫ୍ଲପ୍ ହୋଇଛନ୍ତି । ଭାରତୀୟ ଟିମ୍ ଲାଗି ସାଇ ସୁଦର୍ଶନ ଆୟୁଷ ପାଣ୍ଡେଙ୍କ ସହ ମିଶି ପାଳିର ଆରମ୍ଭ କରିଥିଲେ । ଆୟୁଷ ୨୫ରନ୍ କରିଥିଲେ ଏବଂ ସେ ସାଇ ସୁଦର୍ଶନଙ୍କ ସହ ମିଶି ପ୍ରଥମ ୱିକେଟ ଲାଗି ୮୨ରନ୍ ଯୋଡ଼ିଥିଲେ । ସୁଦର୍ଶନ ଆୟୁଷ ପାଣ୍ଡେ ଏବଂ ଋତୁରାଜ ଗାୟକୱାଡ଼ଙ୍କ ସହ ମିଶି ଅର୍ଦ୍ଧଶତକୀୟ ଭାଗିଦାରୀ କରିଥିଲେ ଏବଂ ୧୩୨ ରନ୍ କରି ଆଉଟ ହୋଇଥିଲେ । ସୁଦର୍ଶନ ଟିମ୍ ଇଣ୍ଡିଆ ଲାଗି ଶେଷ ଟେଷ୍ଟ



ମ୍ୟାଚ୍ ଆଫଗାନିସ୍ତାନ ବିପକ୍ଷ ଖେଳିଥିଲେ । ଯାହାକୁ ଭାରତ ପାଳି ଏବଂ ୩୦୦ରନ୍ ଭିତରେ ଜିତିଥିଲା । ସୁଦର୍ଶନ ସେହି ମ୍ୟାଚରେ ୮୧ରନର ପାଳି ଖେଳିଥିଲେ । ସେ ଶ୍ରୀଲଙ୍କା ଏ ବିପକ୍ଷରେ ବି ନିଜର ଭଲ ଫର୍ମକୁ ଜାରି ରଖି ୧୩୦ବଲରେ ଶତକ କରିଛନ୍ତି । ଗୋଟିଏ ପଟେ ସାଇ ସୁଦର୍ଶନ ମଜବୁତ ସହ ସମ୍ଭାଳିଥିଲେ ଏବଂ ଅନ୍ୟପଟେ ଲଗାତର ୱିକେଟ ଯାଇଥିଲା । ଦେବଦତ ପଡ଼ିକ୍କଲ ନିଜ ପାଳିର ଆରମ୍ଭ ଧମାକାଦାର ଅନ୍ଦାଜରେ କରିଥିଲେ । ଗୋଟିଏ ଚେ?କା ଏବଂ ଗୋଟିଏ ଛକ୍କା ବି ଲଗାଇଥିଲେ କିନ୍ତୁ ୭ବଲରେ କେବଳ ୧୨ରନ୍ କରି ଆଉଟ ହୋଇଥିଲେ । ଅନ୍ୟପଟେ ନିକଟରେ ଶେଷ ହୋଇଥିବା ଟ୍ରାଇ ସିରିଜରେ ଶତକ ଯୋଡ଼ିଥିବା ଋତୁରାଜ ଗାୟକୱାଡ଼ ରେଡ୍-ବଲ ମ୍ୟାଚରେ କେବଳ ୨୨ ରନ୍ କରିଥିଲେ ।

# ଏସିଆନ ଜିମ୍ନାଷ୍ଟିକ୍ସ ଚାମ୍ପିୟାନସିପ୍‌ରେ ଇତିହାସ ରଚିଲେ ହର୍ଷିତ

ନୂଆଦିଲ୍ଲୀ: ଏସିଆନ ଜୁନିୟର ଜିମ୍ନାଷ୍ଟିକ୍ସ ଚାମ୍ପିୟନଶିପରେ ଭାରତର ହର୍ଷିତ ଦାମୋଦରନ ଓ ଅକ୍ଷତ ବଜାଜ ଇତିହାସ ରଚିଛନ୍ତି । ହର୍ଷିତ ସ୍ୱର୍ଣ୍ଣ ଏବଂ ଅକ୍ଷତ ରୌପ୍ୟ ପଦକ ଜିତି ଭାରତର ମାନ ବଢ଼ାଇଛନ୍ତି । ପ୍ରଥମଥର ପାଇଁ ଭାରତ ଏହି ଚାମ୍ପିୟନଶିପରେ ସ୍ୱର୍ଣ୍ଣ ଓ ରୌପ୍ୟ



ଏକାଥରକେ ହାସଲ କରିଛି । ସ୍ୱର୍ଣ୍ଣ ପଦକ ପାଇଁ ଭାରତର ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ କଡା ସଂଘର୍ଷ ଦେଖିବାକୁ ମିଳିଥିଲା । ତେବେ ଶେଷରେ ହର୍ଷିତ ବାଜି ମାରିଥିଲେ । ସେ ୧୩.୬୪୯ ସ୍କୋର କରିଥିବା ବେଳେ ଅକ୍ଷତ ୧୩.୪୩୩ ସହ ଦ୍ୱିତୀୟରେ ରହିଥିଲେ । ଭାରତର ପୁରୁଷ ଜିମ୍ନାଷ୍ଟିକ୍ସ କୋଚ ରାକେଶ ପାତ୍ର ପ୍ରଦର୍ଶନ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଏହା ପୂର୍ବରୁ ଭୁବନେଶ୍ୱରରେ ଆୟୋଜିତ ନ୍ୟାଶନାଲ କ୍ୟାମ୍ପରେ କଡା ଅଭ୍ୟାସ କରିଥିଲେ । ରାକେଶ ଦୃଢ଼ତା ସହକାରେ କହିଛନ୍ତି ଭାରତୀୟ ଜିମ୍ନାଷ୍ଟ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡାରେ ନିଶ୍ଚିତ ଭାବେ ପଦକ ଜିତିବେ ।

# ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦଙ୍କୁ ଏସଜେଏଫଆଇ ମେଡାଲ

ଚେନ୍ନାଇ: ଭାରତର ତଥା ବିଶ୍ୱର ଜଣାଶୁଣା ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦଙ୍କୁ ସମ୍ମାନଜନକ ଭାରତୀୟ କ୍ରୀଡା ସାମ୍ବାଦିକ ମହାସଂଘ ପଦକ ପ୍ରଦାନ କରାଯାଇଛି । ବୁଧବାର ଦିନ ଚେନ୍ନାଇସ୍ଥିତ ମାଡ୍ରାସ କ୍ରିକେଟ୍ କ୍ଲବ ରେ ତାଙ୍କୁ ଏହି ମେଡାଲ ପ୍ରଦାନ କରାଯାଇଛି । ସେ ଭାରତୀୟ କ୍ରୀଡ଼ା ଏବଂ ବିଶ୍ୱ ଦରବାରରେ ଚେସ୍ ଖେଳକୁ ଦେଇଥିବା ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ସମ୍ମାନଜନକ ତାଲିକାରେ ପୂର୍ବରୁ ସୁନୀଲ ଗାଭାସ୍କର, ମିଲ୍ ?ଖା ସିଂ ଏବଂ ପି.ଟି. ଉଷାଙ୍କ ପରି ଖେଳାଳିମାନେ ସାମିଲ ଅଛନ୍ତି । ବିଶ୍ୱନାଥନ ଆନନ୍ଦ ହେଉଛନ୍ତି ଭାରତର ପ୍ରଥମ ଚେସ୍ ଗ୍ରାଣ୍ଡମାଷ୍ଟର ଏବଂ ପୂର୍ବତନ ବିଶ୍ୱ ଚାମ୍ପିଆନ । ସେ ତାଙ୍କର ଅସାଧାରଣ ବୁଦ୍ଧି ଏବଂ ଦ୍ରୁତ ଚାଲ



ପାଇଁ 'ଭିଶି' ଭାବରେ ପରିଚିତ । ସେ ଚେସ୍ ଜଗତରେ ଭାରତର ସ୍ୱାଭିମାନ ବଢ଼ାଇଛନ୍ତି । ଖେଳ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଭାରତର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ 'ରାଜୀବ ଗାନ୍ଧୀ ଖେଳ ରତ୍ନ' (ବର୍ତମାନ ମେଜର ଧ୍ୟାନଚାନ୍ଦ ଖେଳ ରତ୍ନ) ପୁରସ୍କାର ପାଇବାରେ ପ୍ରଥମ ଖେଳାଳି ଥିଲେ । ସେ ଭାରତର ଦ୍ୱିତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମବିଭୂଷଣ' ସମେତ ପଦ୍ମଶ୍ରୀ ଏବଂ ପଦ୍ମଭୂଷଣରେ ମଧ୍ୟ ସମ୍ମାନିତ ହୋଇଛି । ଏହି କାର୍ଯ୍ୟକ୍ରମ ତାମିଲନାଡୁ କ୍ରୀଡା ସାମ୍ବାଦିକ ସଂଘ ସହଭାଗୀତାରେ ଆୟୋଜିତ ହୋଇଥିଲା । ଚେସ୍ ପରିଚାଳନା ସଂସ୍ଥା ଋଓଉରର ଉପ-ସଭାପତି ଭାବରେ କାର୍ଯ୍ୟ କରୁଥିବା ଆନନ୍ଦ ଏକ ସମ୍ମାନଜନକ ପୁରସ୍କାର ବିଜେତା ତାଲିକାରେ ସାମିଲ ହୋଇଛନ୍ତି । ୫୬ ବର୍ଷୀୟ ଖେଳାଳିଙ୍କୁ ଏହି ପଦକ ପ୍ରଦାନ କରିଥିଲେ ପୂର୍ବତନ ଭାରତୀୟ କ୍ରିକେଟ ଦଳର ଅଧିନାୟକ ଏବଂ ମୁଖ୍ୟ ଚୟନକର୍ତା କେ.ଶ୍ରୀକାନ୍ତ । ଏହି କାର୍ଯ୍ୟକ୍ରମରେ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ହକି ଖେଳାଳି ଭି ଭାସ୍କରନ୍ ଉପସ୍ଥିତ ଥିଲେ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି    BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**